# ପ୍ରେରଣା

ମାର୍ଚ୍ଚ, ୨୦୨୦ ସଂସ୍କରଣ

ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

■ ମାର୍ଚ୍ଚ, ୨୦୨୦ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

## ଆମସହ ଯୋଗାଯୋଗ

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com,ଦୂରଭାଷ - 8908279130

# ଛବିଟିଏ ପାଇଁ ପଦଟିଏ

The image speaks

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ମାର୍ଚ୍ଚ - ୨୦୨୦ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ମାର୍ଚ୍ଚ - ୨୦୨୦ ସଂସ୍କରଣର ବିଜେତା କବିୟତ୍ରୀ ଜ୍ୟୋତ୍ସ୍ନା ରାୟଙ୍କୁ ଅଭିନନ୍ଦନ । ତାଙ୍କ କଲମରୁ...

ଜଳ ହିଁ ଅମୂଲ୍ୟ ଧନ, ଜଳ ହିଁ ଜୀବନ
ବୃକ୍ଷଲତା ପଶୁପକ୍ଷୀ ସଭିଙ୍କର ପ୍ରାଣ ।
ବିନ୍ଦୁଏ ବି ଜଳ ନଷ୍ଟ ନ କର ସୁଜନ
"ଦୁର୍ଲଭ ହୋଇବ ଜଳ"-ବିଜ୍ଞାନୀ ବଚନ ।
ବେଳହୁଁ ସଜାଗି କର ସଞ୍ଚୟ ବିଧାନ
ଜଳବିନା ସୃଷ୍ଟି ନାଶ, ଜଳ ହିଁ ନିଦାନ ।



ଜ୍ୟୋତ୍ସ୍ନା ରାୟ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

“ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।”

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ଇ-ମେଲ କିମ୍ବା ହ୍ୱାଟସ୍‌ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।


- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।

- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସମ୍ପାଦକୀୟ...



ବର୍ତ୍ତମାନ ମହାମାରୀର ରୂପ ନେଇଥିବା କରୋନା ଭୂତାଣୁ ୨୦୦୨ ପର ଠାରୁ ଏଥରକୁ ମିଶାଇ ତିନିଥର ଉଗ୍ର ସଂକ୍ରମଣ ରୂପ ଧାରଣ କରିସାରିଲାଣି । କିନ୍ତୁ ପୂର୍ବ ସଂକ୍ରମଣ ଗୁଡିକୁ ଅନୁଧାନ କଲେ ଜଣାପଡେ ଯେ, ଗତଥର ଗୁଡିକ ଭଳି ବର୍ତ୍ତମାନ ଦେଖା ଦେଇଥିବା ସଂକ୍ରମଣ ଆଉ କୌଣସି ଏକ ଭୌଗଳିକ ସ୍ଥାନରେ ସୀମିତ ହୋଇନାହିଁ । ଏ ପର୍ଯ୍ୟନ୍ତ ଏହା ପୃଥିବୀରେ ପ୍ରାୟ ଦୁଇଶହଟି ଦେଶରେ ନିଜର କାୟା ବିସ୍ତାର କରିସାରିଲାଣି । ପ୍ରତିଦିନ ଏହି ସଂକ୍ରମଣ ହଜାର ହଜାର ସଂଖ୍ୟାରେ ବଢିଚାଲିଛି । ବର୍ତ୍ତମାନ ସୁଦ୍ଧା ଏହି ନୂତନ କରୋନା ଭୂତାଣୁ ପାଇଁ କୌଣସି ନିର୍ଦ୍ଦିଷ୍ଟ



ଔଷଧ ଓ ପ୍ରତିଷେଧକ ଉଦ୍ଭାବନ ହୋଇ ପାରିନଥିବାରୁ ପରିସ୍ଥିତି ଆହୁରି ଜଟିଳ ସ୍ତରକୁ ଗତି କରୁଛି । କିଛି ରାଷ୍ଟ୍ରମାନଙ୍କରେ ସ୍ଥିତି ଅଣାୟତ୍ତ ଅବସ୍ଥାକୁ ଚାଲିଗଲାଣି । କେହି କେହି ଏହାକୁ ସମଗ୍ର ମନୁଷ୍ୟ ଜାତି ଓ କରୋନା ଭୂତାଣୁ ମଧ୍ୟରେ ଚାଲିଥିବା ତୃତୀୟ ବିଶ୍ୱଯୁଦ୍ଧ ବୋଲି କହିଲେଣି । ଏହି ମହା ସଂଗ୍ରାମରେ ବିଜୟଲାଭ କରିବା ପାଇଁ ଜନସଚେତନତା ସାଙ୍ଗକୁ ସାମାଜିକ ଦୂରତ୍ୱ ତଥା ଏକାନ୍ତବାସ ଯେ ଏକମାତ୍ର ବିକଳ୍ପ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

କରୋନା ଭୂତାଣୁ ସାଧାରଣତଃ ସ୍ତନପାୟୀ ପ୍ରାଣୀ ଓ ପକ୍ଷୀମାନଙ୍କ ଠାରେ ରୋଗ କରାଉଥିବା ଏକ ଭୂତାଣୁ ଗୋଷ୍ଠୀ । ସେମାନଙ୍କ ମଧ୍ୟରୁ ଗତ ୨୦୧୯ ମସିହା ଡିସେମ୍ବର ମାସରେ ଚୀନର ଉହାନ ସହରରେ

ଚିହ୍ନଟ ହୋଇଥିବା ଭୂତାଣୁକୁ ନୂତନ କରୋନା ଭୂତାଣୁ ବା କୋଭିଡ୍-୧୯ କୁହାଯାଏ । ଏଥିରେ ଆକ୍ରାନ୍ତ ବ୍ୟକ୍ତିଠାରେ ପ୍ରଥମେ ସର୍ଦ୍ଦି, କାଶ, ଥଣ୍ଡା, ଦେହହାତ ଘୋଳାବିନ୍ଧା, ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ନିମୋନିଆ ପରି ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ । ଏହାର ସଂକ୍ରମଣର ମାତ୍ରା ଅତି ତୀବ୍ର ହେତୁ ସହଜରେ ଗୋଟିଏ ଆକ୍ରାନ୍ତ ବ୍ୟକ୍ତିଠାରୁ ସୁସ୍ଥ ମନୁଷ୍ୟକୁ ସଂକ୍ରମିତ ହୋଇପାରେ । ଯାହାଫଳରେ ବହୁ କମ୍ ସମୟ ମଧ୍ୟରେ ସଂକ୍ରମଣ ବହୁଗୁଣିତ ହେବାର ବହୁ ସମ୍ଭାବନା ଅଛି । ଯାହାକି ସମଗ୍ର ମାନବ ଜାତି ପାଇଁ ଚିନ୍ତାର ବିଷୟ ନିଶ୍ଚିନ୍ତ ।

ସାରା ବିଶ୍ୱରେ ଦେଖା ଦେଇଥିବା ଏହି ସଙ୍କଟ ପରିସ୍ଥିତିର ମୁକାବିଲା କରିବା ପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପ ନିଶ୍ଚିନ୍ତ ରୂପେ ସ୍ୱାଗତ ଯୋଗ୍ୟ ଅଟେ । ଦେଶରେ ଲକ୍-ଡାଉନ୍ ଘୋଷଣା ହେବା ଦ୍ୱାରା ସଙ୍ଗରୋଧ ନିୟମ କଡାକଡି ଭାବେ ପାଳିତ ହେଉଛି ।

ଏହା ଯୋଗୁଁ କରୋନା ଭୂତାଣୁର ସଂକ୍ରମଣ ମାତ୍ରା ହ୍ରାସ ହୋଇ ପାରିବ । ପରିଶେଷରେ ସମୟାନୁକ୍ରମେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ନିୟମ ଓ ଉପଦେଶକୁ ମାନି ଚଳିଲେ ସମଗ୍ର ମାନବ ଜାତି ଯେ, ଏହି ମାରାତ୍ମକ ମହାମାରୀ ଠାରୁ ନିଜକୁ ରକ୍ଷା କରିପାରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

*****

**- ଦେବୀ ପ୍ରସାଦ ସ୍ୱାଇଁ**



# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | **ଅନ୍ତରଙ୍ଗ ଆଳାପ** | | ୧୮ |
| | **ପଦ୍ୟ ବିଭାଗ** | | |
| ୧. | ନାରୀ | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୩ |
| ୨. | ନର୍କକୀଟ | ଅଲେଖ ଚନ୍ଦ୍ର ବେହେରା | ୨୫ |
| ୩. | ଭକ୍ତପ୍ରିୟ ଆଶୁତୋଷ | ଶିବ ଚରଣ ମହାପାତ୍ର | ୨୮ |
| ୪. | ସ୍ୱପ୍ନ | ଅନାମ ଚରଣ ସାହୁ | ୩୧ |
| ୫. | ଆଧୁନିକତା | ତେଜସ୍ୱିନୀ ସାମଲ | ୩୩ |
| ୬. | ରଙ୍ଗର ମେଳଣ | ସମ୍ବିତ ସତ୍ୟପ୍ରକାଶ ମିଶ୍ର | ୩୬ |
| ୭. | ରାତିର କାହାଣୀ | ସୁନିତା ସାହୁ | ୩୮ |
| ୮. | ଶୁଆଟିଏ ମୁଁ ଶୁଆଟିଏ | ସୂର୍ଯ୍ୟ ମାଝୀ | ୪୦ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୯. | କଳ୍କୀ ଚଉତିଶା | ରୋଜା ପଣ୍ଡା | ୪୩ |
| ୧୦. | ବିଶ୍ୱ ମହିଳା ଦିବସ | ଟଙ୍କଧର ଶତପଥି | ୪୯ |
| ୧୧. | ଗରିବ | ଆଶିଷ କୁମାର ସ୍ୱାଇଁ | ୫୧ |
| ୧୨. | ବୃକ୍ଷ ଦୋହଦ | ଅମ୍ରିତେଶ ଖଟୁଆ | ୫୩ |
| ୧୩. | ମୋହ | ନୂତନ କୁମାର ବେହେରା | ୫୬ |
| ୧୪. | ପଦ୍ମକୁ ପଦେ | ଶ୍ରୀମତୀ ଚିନ୍ମୟୀ ମିଶ୍ର | ୫୯ |
| ୧୫. | କରୋନା ଭାଇରସ୍ | ହୃଦୟାନନ୍ଦ ପଧାନ | ୬୫ |
| | **ଗଦ୍ୟ ବିଭାଗ** | | |
| ୧୬. | ଦୁହିତା | ଶ୍ରୀମାନୀ ପ୍ରିୟଦର୍ଶିନୀ | ୭୦ |
| ୧୭. | ଡାକ୍ତରଙ୍କ ହସ୍ତାକ୍ଷର | ରୋଜା ପଣ୍ଡା | ୮୪ |
| ୧୮. | ଭାଗ୍ୟର ଖେଳ | ତପସ୍ୱିନୀ ଦାଶ ଷଡଙ୍ଗୀ | ୮୮ |
| ୧୯. | ରେବତୀ | ଲିପ୍ସା ଆଚାର୍ଯ୍ୟ | ୯୯ |


*****

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବିୟତ୍ରୀ...

**ନାମ :** ସୁନିତା ସାହୁ

**ଜନ୍ମ ତାରିଖ :** ୦୫ ଜୁଲାଇ

**ବର୍ତ୍ତମାନ ଠିକଣା :** ରାଉରକେଲା,

ଜିଲ୍ଲା - ସୁନ୍ଦରଗଡ଼

**ଶିକ୍ଷା :** କଳାରେ ସ୍ନାତକ



**୧. ପ୍ରିୟ ପୁସ୍ତକ :** ଯାଜ୍ଞସେନୀ ।

**୨. ପ୍ରିୟ ଲେଖକ/ଲେଖିକା :** ପ୍ରତିଭା ରାୟ ଓ ମନୋଜ ଦାସ ।

**୩. ଆପଣଙ୍କ ପ୍ରେରଣାର ଉତ୍ସ :** ମୋ ପୁଅ, ଝିଅ ହିଁ ମୋ ପ୍ରେରଣାର ଉତ୍ସ । ସେମାନେ ମୋର ପ୍ରତି ଲେଖାକୁ ପଢି ମନ୍ତବ୍ୟ ଦିଅନ୍ତି ଆଉ ସମାଲୋଚନା ମଧ୍ୟ କରନ୍ତି । ଲେଖିବା ପାଇଁ ସବୁବେଳେ ଉତ୍ସାହିତ କରନ୍ତି ।

**୪. ପୁରସ୍କାର/ସମ୍ମାନ :** ମୋ ପାଠକଙ୍କ ମନ୍ତବ୍ୟ ହିଁ ମୋ ପାଇଁ ସମ୍ମାନ ଓ ପୁରସ୍କାର ।

**୫. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ଓ ସାହିତ୍ୟ ସର୍ଜନା ବିଷୟରେ ସମ୍ୟକ ବିବରଣୀ :** ବହୁତ ବିଳମ୍ବରେ ମୋର ସାହିତ୍ୟ ଜଗତକୁ ପ୍ରବେଶ । ତେବେ ପିଲାବେଳୁ ସାହିତ୍ୟ ପ୍ରତି ଦୁର୍ବଳତା ରହିଥିଲା, ଦଶମ ଯାଏ ପଢିଥିବା ସାହିତ୍ୟ ବହିଟି ମୋର ଅତି ପ୍ରିୟ । ମୋ ପରିବାରରେ ଲେଖା ପ୍ରତି କାହାରି ଅନୁରକ୍ତି ନଥିଲା, ତେବେ ବାପା ବହୁତ ବହି ପଢନ୍ତି, ସବୁ ପ୍ରକାର ବହି । ମୁଁ ହାଇସ୍କୁଲରେ ପଢିଲାବେଳେ ଗୀତ ଗାଉଥିଲି, ଆକାଶବାଣୀର ବିଦ୍ୟାଳୟ କାର୍ଯ୍ୟକ୍ରମରେ କିଛି ନାଟକରେ ଅଭିନୟ କରିଛି । ଏମିତିରେ କଳା ପ୍ରତି ଆଗ୍ରହ ସବୁବେଳେ ଅଛି । ପାଠ ପଢିଲା ବେଳେ ଜହ୍ନମାମୁଁ, ମୀନା ବଜାର ସହିତ ବିଭୂତି ପଟ୍ଟନାୟକଙ୍କ କିଛି ଉପନ୍ୟାସ ମଧ୍ୟ ପଢୁଥିଲି । ବାହାଘର ପରେ ମଧ୍ୟ ସମୟ ଅନୁସାରେ ଯାହା ବହି ମିଳେ ପଢୁଥିଲି । ତେବେ ପୁଅଝିଅ ବଡ ହେବାପରେ ସେମାନେ ହିଁ ଅନୁଭବ କରାଇଥିଲେ ଯେ ମୁଁ ଲେଖି ପାରିବି । ପ୍ରଥମ ଲେଖା ଯେତେବେଳେ ଗୋଟେ ପତ୍ରିକାରେ ପ୍ରକାଶିତ ହେଲା,

ଆତ୍ମବିଶ୍ୱାସ ବଢ଼ିଗଲା । ତା ପରଠୁ ଆଉ ହାତ ବନ୍ଦ ହେଇନି । ଲେଖା ଚାଲିଛି ଆଉ ଚାଲିଥିବ । ବର୍ତ୍ତମାନ ଅବସ୍ଥା ଏମିତି ଯେ ନ ଲେଖିଲେ ଭଲ ଲାଗେନା, ଲାଗେ ଯେମିତି କିଛି କାମ ବାକି ରହିଛି । ଗପ, କବିତା ତ ଲେଖା ଚାଲିଛି ତେବେ ପୁସ୍ତକ ରଚନା ଏ ଯାଏଁ କରି ପାରିନି । ତେବେ ଇଚ୍ଛା ଅଛି, ଭବିଷ୍ୟତରେ ନିଶ୍ଚୟ କରିବି ।

**୬. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :**

ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି ନିଶ୍ଚିତ ଭାବରେ ନିମ୍ନଗାମୀ, ତେବେ ତାକୁ ସୁଧାରି ହେବ । ଟିକିଏ ପ୍ରଚେଷ୍ଟା ଆବଶ୍ୟକ । ଆଜିକାଲିର ଏଇ ଡିଜିଟାଲ ଯୁଗରେ ସମସ୍ତେ ପାଶ୍ଚାତ୍ୟାଭିମୁଖୀ । ମାତୃଭୂମି ଆଉ ମାତୃଭାଷାକୁ ଭଲପାଇବା କମି ଯାଉଛି, ଏହା ଶ୍ରୁତିକଟୁ ହେଲେ ମଧ୍ୟ ସତ । ପ୍ରତିଟି ମଣିଷ ଜାଗ୍ରତ ହେଲେ ସବୁ ସମ୍ଭବ ହୋଇପାରିବ ।

**୭. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ପ୍ରେରଣା ଇ-ପତ୍ରିକା ସହ ମୋର ଅଳ୍ପ ଦିନର ସମ୍ପର୍କ, ଏଥିପାଇଁ ମୁଁ ତପସ୍ୱିନୀ ମାଉମଙ୍କୁ ଧନ୍ୟବାଦ ଜଣାଉଛି । ସେ ମୋତେ ପ୍ରେରଣା ବିଷୟରେ

ଅବଗତ କରାଇଥିଲେ । ନିଶ୍ଚିତ ରୂପେ ଏହି ଡିଜିଟାଲ ଯୁଗରେ ଆମ ଓଡ଼ିଆ ଭାଷାକୁ ଆଗେଇ ନେବା ପାଇଁ ଏକ ସୁନ୍ଦର ମାଧ୍ୟମ । ଏଥିରେ ଅଧିକରୁ ଅଧିକ ପାଠକ ଉପକୃତ ହେବେ ଏବଂ ପତ୍ରିକାଟି ମଧ୍ୟ ଲୋକପ୍ରିୟତା ପାଇ ପାରିବ । ମୁଁ ମଧ୍ୟ ପତ୍ରିକାଟିର ଉତ୍ତରୋତ୍ତର ଉନ୍ନତି କାମନା କରୁଛି । ଏଥର ସାକ୍ଷାତକାର କାର୍ଯ୍ୟକ୍ରମରେ ଭାଗ ଦେଇ ଥିବାରୁ ଆନ୍ତରିକ ଧନ୍ୟବାଦ ଜଣାଉଛି ସମ୍ପାଦକ ମହାଶୟଙ୍କୁ ।

*****




http://www.covid19.preranaodia.com/

# ପଦ୍ୟ ବିଭାଗ




**ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା**

# ନାରୀ

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

କିଏ ତୁମେ ଦେବୀ ଏହି ଭବ-ମରୁପଥେ
ଢାଳୁଅଛ ଶାନ୍ତି-ସୁଧା-ବାରି ଅବିରତେ ।
ଜନନୀ ଭଗିନୀ ଜାୟା କନ୍ୟା-ବଧୂ ରୂପେ
କରୁଛ ସମାଜ ସେବା ସେବିକା ସ୍ୱରୂପେ ॥

କୁସୁମ-କୋମଳ-ତନୁ ଲାବଣ୍ୟ ପ୍ରତିମା
ବର୍ଣ୍ଣିକେ କରିବ ଶେଷ ତୁମ ରୂପ ସୀମା ।
ସେନେହ-ମମତାମୟୀ ଆନନ୍ଦ ଦାୟିନୀ
ବିଶ୍ୱର ଜନନୀ ତୁମେ ଶାନ୍ତି ପ୍ରଦାୟିନୀ ॥

କାହିଁ ତୁମେ କଳନାଦୀ-ସୁଜଳା ତଟିନୀ
କାହିଁ କାନନ-କୁନ୍ତଳା ସ୍ୱଚ୍ଛ ନିର୍ଝରିଣୀ ।
ମଧୁମୟୀ ଛନ୍ଦମୟୀ କବିର କବିତା
ହାସ୍ୟମୟୀ ଲାସ୍ୟମୟୀ ରୂପସୀ ବନିତା ॥

*****

ଜହ୍ନିତଇଳା, ଢେଙ୍କାନାଳ



# ନର୍କକୀଟ

ଅଲେଖ ଚନ୍ଦ୍ର ବେହେରା

ଜ୍ୱଳନ ହେଉଛି ଜ୍ୟୋତ୍ସ୍ନା
କିଛି ନିଶା କିଛି ତୃଷ୍ଣା,
ନର୍କକୀଟ ସେ ସ୍ରଷ୍ଟାର ସୃଷ୍ଟିରେ ସ୍ୱପ୍ନ ଦେଖିବା ମନା ।

ସ୍ୱର୍ଗ କି ଅମୃତ ଯେତେ ଦେବ ଶବ୍ଦ, ସବୁ ତା ପାଇଁ କଳ୍ପନା
ଜନ୍ମ ହୋଇଅଛି ନର୍କ ଦ୍ୱାରେ ଯିଏ, ପାପ କି ପୁଣ୍ୟ ବୁଝେନା
ନର୍କକୀଟ ସେ ସ୍ରଷ୍ଟାର ସୃଷ୍ଟିରେ ସ୍ୱପ୍ନ ଦେଖିବା ମନା ।

ପଡିଅଛି ତଳେ, ଆବର୍ଜନା ଜଳେ
ଅଲୋଡା ବସ୍ତୁର ପଚା ଗନ୍ଧ ମେଳେ, ଜୀବନ କଟୁଛି ପଡି

ବିଷ ବଳୟର କମ୍ପୋଷ୍ଟ ମାତୃତ୍ୱ ଧରିଛି ତାକୁ ଜାବୁଡ଼ି
ସବୁ ନିରର୍ଥ ଦୁଃଖ ଯାତନା, ଯିଏ ଜନ୍ମରୁ ହସି ଜାଣେନା
ନର୍କକୀଟ ସେ ସ୍ରଷ୍ଟାର ସୃଷ୍ଟିରେ ସ୍ୱପ୍ନ ଦେଖିବା ମନା ।

ଅଳିଆ ଗଦାରେ, ନିଘୋଡ ଅନ୍ଧାରେ
ଅଜ୍ଞାନରେ ବଞ୍ଚେ ନିରିହ ପ୍ରକାରେ, ତଥାପି ତାକୁ ଅନେଇ
ନିଜକୁ ବୁଦ୍ଧିଆ ଭାବି ଜୀବ - ଜନ କରୁଥାନ୍ତି ଛି ! ଛି !
କୁହ କେଉଁଠି ଏ ସ୍ୱର୍ଗ ଲୋକ, କୁହ କେଉଁଠି ଅମୃତ ପାକ
କୀଟ ପତଙ୍ଗକୁ ଗଢିଥିଲା ଯିଏ, ସିଏ କରିଛି ଛଳନା ?
ନର୍କକୀଟ ସେ ସ୍ରଷ୍ଟାର ସୃଷ୍ଟିରେ ସ୍ୱପ୍ନ ଦେଖିବା ମନା ।


କୀଟଟିଏ ଯିଏ, ସ୍ୱର୍ଗ ବୋଲି ହାଏ
କିଛି ତ ନାହିଁ, ନର୍କ ବୋଲି ସିଏ ଜାଣିବି ନାହିଁ ନିଜ କର୍ମରେ ବିହରି
ଭଲମନ୍ଦ ନାହିଁ ଜୀବନରେ ଯାର ସକଳ ସୁଖ ତାହାରି
ସବୁ ଭାବନାରୁ ହୋଇ ମୁକ୍ତ, ଇତର ଜୀବର ଦେହର ରକ୍ତ

ଅନ୍ୟ ସ୍ୱାର୍ଥ ପାଇଁ ଧ୍ୱଂସ ପାଏ ସିନା ଅଭିଯୋଗ ତ କରେନା

ନର୍କକୀଟ ସେ ସ୍ରଷ୍ଟାର ସୃଷ୍ଟିରେ ସ୍ୱପ୍ନ ଦେଖିବା ମନା ।

*****

ଅଙ୍ଗାରବନ୍ଧ, ଅନୁଗୁଳ



# ଭକ୍ତପ୍ରିୟ ଆଶୁତୋଷ

ଶିବ ଚରଣ ମହାପାତ୍ର

ଡମ ଡମ ଡମ ଡମ୍ବୁରୁଧର
ନୀଳକଣ୍ଠ ମହେଶ୍ୱର
ଚଣ୍ଡ ତାଣ୍ଡବେ ସଂହାର କର୍ତ୍ତା
ଘେନ ଦୀନ ନମସ୍କାର..!!

ଝର ଝର ଝରେ ଝଙ୍କୃତ ଗଙ୍ଗା
ଶୃଙ୍ଗାର ଲଭି ତବ
ଭୁରୁ ଭୁରୁ ଭାସେ ସାରା ଭୁବନେ
ଅମୃତମୟ ଭାବ..!!

କଣ୍ଠେ ଲମ୍ବିତ ଭୁଜଙ୍ଗମ ସଙ୍ଗେ
କି ସୁନ୍ଦର ଦିବ୍ୟ ଜ୍ୟୋତି
ଦୁଦୁରା ଅରଖ ବିଲ୍ୱ ପତ୍ର ସମ
କିବା ହୀରା ଲୀଳା ମୋତି..!!

ରତ୍ନସାନୁ ତବ ଭବ୍ୟ କାନନ
ଦଶ ଦିଶା ନେତ୍ରେ ଦୃଶ୍ୟ
ଜଟା ମଣ୍ଡନ ମସ୍ତକେ ଦ୍ୟୁତି
ଅର୍ଦ୍ଧ ଚନ୍ଦ୍ର ମୃଦୁ ହାସ୍ୟ..!!

ଚିର ବୈରାଗୀ ଶମଶାନ ବାସୀ
କାପାଳିକ ଯୋଗୀ ବେଶ
ଜପେ ତପେ ହର ଯାଚିଦିଅ ବର
ହରି ଭକ୍ତ ଦୁଃଖ କ୍ଳେଶ..!!

ତୁମେ ସତ୍ୟ ଶିବ ସୁନ୍ଦର ମହେଶ
ଭକ୍ତ ପ୍ରିୟ ଆଶୁତୋଷ
ଶ୍ରଦ୍ଧା ପୁଷ୍ପାଞ୍ଜଳୀ ଭକତି ଅଞ୍ଜଳି
ଘେନ ଆହେ କୃତିବାସ..!!

ତ୍ରିଶୂଳ ଧାରୀ ହେ' ପ୍ରଭୁ ଦିଗମ୍ବର
ଦାହ କ୍ରୋଧ ହିଂସା କାମ
ତୁମରି ଆଶିଷେ ପବମାନ ବୋହୁ
ମନ୍ଦ ମନ୍ଦ ଭାବ ପ୍ରେମ..!!

*****

ଚକ୍ରଧରପୁର, କେନ୍ଦୁଝର



ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା

# ସ୍ୱପ୍ନ

ଅନାମ ଚରଣ ସାହୁ

ଯେତେପାର ତୁମେ ସ୍ୱପ୍ନ ଦେଖ ବନ୍ଧୁ

ଦେଖିବାରେ ନାହିଁ ମନା

ସବୁ ସ୍ୱପ୍ନ କେବେ ସଫଳ କି ହୁଏ

ନିଷ୍ଠା, ପରିଶ୍ରମ ବିନା ।

ସ୍ୱପ୍ନେ ମିଳେ ଯେଉଁ ବିମଳ ଆନନ୍ଦ

କ୍ଷଣିକ ନ ହେଉ ସେହୁ

ହସ୍ତ ପାହାନ୍ତାରେ ନମିଳଇ କିଛି

ନ ବୋହିଲେ ଦେହୁ ଲହୁ ।

ନିଜ ମନ, ତନ ଚୈତନ୍ୟ, ପରାଣ

ଏକଠାବେ ରଖି ସ୍ଥିର

ଚାଲିଚଳନରେ ମଜ୍ଜାଗତ ହେଲେ

ପନ୍ଥା ମିଳିଯିବା ସାର ।

ଦୁଃଖ, ସୁଖ, କଷ୍ଟ ବାଧାବିଘ୍ନ ଘୋର

ରହିଥିବ ସେହି ପଥେ

ସାଧନା ସତତ କରେ ପୁଷ୍ପପାତ

ଅସମୟ ଦିନ ଗତେ ।

ମନୁ ତେଜି ଭୟ ସଞ୍ଚରି ସାହସ

ହେବା ଯଦି ଅଗ୍ରସର

ଜୀବନର ଲକ୍ଷ୍ୟ ଯା' ସ୍ୱପ୍ନ ସମ୍ଭୃତ

ଆନନ୍ଦେ ଲଭିବା ସାର ।

*****

ବିଭୁତିପୁର, କାକଟପୁର, ପୁରୀ

ଅନ୍ୟକୁ ସଂକ୍ରମଣରୁ ସୁରକ୍ଷିତ ରଖିବାରେ ସହାୟତା କରନ୍ତୁ



କାଶ ଏବଂ ଜ୍ୱର ସମୟରେ
ଅନ୍ୟ ସଂସ୍ପର୍ଶରୁ ନିବୃତ୍ତ ରୁହନ୍ତୁ

# ଆଧୁନିକତା

ତେଜସ୍ୱିନୀ ସାମଲ

ଓଡିଆ ବାଲିରେ ଗରବ କରୁଛୁ
ଦେଖାଉଛୁ ଭାଉ କରି ମଥାଟାଣ
ନିଜ ମାତୃଭାଷା ଭୁଲି ତ ଗଲୁଣୁ
ଇଂରାଜୀ ଭାଷାକୁ କରି ଆଦର ।

ଶୁଭୁନାହିଁ ଆଉ ବୋଉବାପା ଡାକ
ଶୁଭେ ଖାଲି ଏଠି ମମି ଡାଡି ସ୍ୱର
ଫ୍ୟାସନ ହେଲାଣି ଇଂରାଜୀ ପାଠ
ସଞ୍ଜୁଠୁ ସକାଳେ ଚାଲେ ହାଏ ବାଏ ର ମନ୍ତ୍ର ।

ଗାଁ ଚାଟଶାଳୀ ଝୁଲିଲାଣି ତାଲା
କନ୍ଭେଣ୍ଟ ସ୍କୁଲ କଲାଣି କିମିଆ
ପାଦଛୁଇଁ ଆଶିଷ ନେବା ହେଲା ପୁରୁଣା ପ୍ରଥା
ସଭିଏଁ ଶୋଚନ୍ତି ନମସ୍କାର କଲେ ନଇଁଯିବ କାଳେ ମଥା ।

ନାହିଁ ଆଉ ମା ସ୍ନେହର ପଖାଳ କଂସା
ଭାଉଜ ହାତ ଦରବ ବଢିଚୁରା ଶାଗଭଜା
ସମୟ ସାଥିରେ ଯୁଗ ବଦଳିଲା
ବଦଳିଲା ସଭିଙ୍କ ଚିନ୍ତା ଚେତନାର ଧାରା ।

ନାହିଁ ଆଉ ଅବଧାନର ବେତମାଡ
ସ୍ୱାଧୀନ ନାମେ ସବୁଠି ବାଜୁଛି ଡିଣ୍ଡିମ
ଓଡ଼ିଆ ଭାଷାର ତୁଟିଛି ମହତ୍ତ୍ୱ
ସଭିଙ୍କ ମନରେ ଖେଳିଛି ଆଧୁନିକତାର ସ୍ପର୍ଶ ।

ଓଡିଆ ସ୍ୱଭାବ ଢାଞ୍ଚା ବଦଳିଲା

ବଦଳିଲା ପରମ୍ପରା ଧାରା

ଭାଷା ସାଥେ ସ୍ୱର ବଦଳିଲା

ବଦଳିଲା ସଂସ୍କାର ଗାଥା ।

ଆଜିକାଲି ସହରୀ ସଭ୍ୟତା

ସଭିଙ୍କୁ କଲାଣି କିମିଆ

କଥା କଥାକେ ଇଂରାଜୀ କହିବା

ଏହା ଆମ ଆଧୁନିକତା ।

*****

ରାଜକନିକା, କେନ୍ଦ୍ରାପଡା

ପ୍ରତିଷେଧକ ବ୍ୟବସ୍ଥା ଆପଣାନ୍ତୁ
ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରୁହନ୍ତୁ
୨୪X୭
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ନିୟନ୍ତ୍ରଣ କକ୍ଷ ଫୋନ୍ ନଂ. ୦୬୭୪-୨୩୯୦୪୬୬ କିମ୍ବା
ମୋବାଇଲ୍: ୯୪୩୯୯୯୪୮୫୭/ ୯୪୩୯୯୯୧୨୨୧ / ୯୪୩୯୯୯୪୮୫୯ ରେ ଯୋଗାଯୋଗ କରନ୍ତୁ ।
facebook.com/HFWOdisha http://www.health.odisha.gov.in/ @HFWOdisha

# ରଙ୍ଗର ମେଲଣ

ସମ୍ବିତ ସତ୍ୟପ୍ରକାଶ ମିଶ୍ର

ରଙ୍ଗର ମେଲଣ ଆସିଲା ଫଗୁଣ
ଉପହାର ଆଣିଥିଲା କେତେ,
ଇନ୍ଦ୍ରଧନୁମୟ ସପ୍ତରଙ୍ଗର ପସରା,
ମନ ଖୋଜୁଥାଏ ତୋତେ ।୧।
କୋଇଲିର କୁହୁ ମୟୂରର ପିହୁ
ବହେ ମଳୟ ପବନ,
କାଷ୍ଠ ଚନ୍ଦନ ଯେ ସୁବାସିତ ହୁଏ,
ବଉଳିଲା ଆମ୍ର ବନ ।୨।
ଆକାଶ ଚାହୁଁଥିଲା ରେସମା ଜୀବନେ
ଦେବ ପ୍ରେମର ଅବିର,

ରଙ୍ଗ ଯେ ମାନେନା ଜାତି ଗୋତ୍ର ଧର୍ମ,
ଆପଣାର ହୁଏ ପର ।୩।
ରଙ୍ଗ ବରଷୁଛି ପୃଥିବୀ ହସୁଛି
ଏ ତ ପ୍ରୀତି ମମତାର ଡୋରି,
ଦୁଃଖ ଶୋକ ରୋଗ ଦୂରେଇ ନେଉଛି,
କରେ ଜୀବନ ନଉକା ପାରି ।୪।

*****

ଗୁଡ଼ିଆନାଳୀ, ଢେଙ୍କାନାଳ

www.store.preranaodia.com
Prerana e-Store
The ultimate bookshop
"ସପ୍ତଶଯ୍ୟା" ଏବେ ପ୍ରେରଣା ଇ-ଷ୍ଟୋରରେ ଉପଲବ୍ଧ ।
ନିମ୍ନୋକ୍ତ କୁପନ୍ କୋଡ୍ ବ୍ୟବହାର କରି ୧୦% ରିହାତି ପାଆନ୍ତୁ ।


10% OFF
COUPON CODE - PRERANA01
DHRUBATARA PUBLICATIONS
BOOK TITLE- SAPTASAJYA
ISBN- 978-81-942801-0-1
PRICE Rs - 80/-
* TERMS AND CONDITIONS MAY APPLY

# ରାତିର କାହାଣୀ

ସୁନିତା ସାହୁ

ରାତିର ବହଳତାକୁ
ପଚାରି ଦେଖ,
ସେ କହିବ ଅନ୍ଧକାରର
ରୂପରେଖ,
ତା ଦେହର କଳା ରଙ୍ଗ
ମାଗିକି ଦେଖ,
ସେ କହିବ, କଳା ଖାଲି ରଙ୍ଗ ନୁହେଁ
କିଛିଟା କଳଙ୍କ,
ରାତିର କାହାଣୀ ଶୁଣିବାକୁ
ଜିଦ୍ କରି ଦେଖ,

ସେ କହିବ ଅକୁହା କିଛି ବ୍ୟଥା

ଝରି ପଡିବ ଲୋତକ,

ସେ ଅଶ୍ରୁର ଧାରେ ଧାରେ

ଚାଲିକି ଦେଖ,

ଠିକ୍ ବୁଝି ଯିବ

ରାତିଟା କେତେ ଭୟାନକ ।

ରାତି ବି ଲୁଚେଇ ପାରେନା

ତା ଗୁମର ସବୁ,

ଆଉ ଖୋଜି ବି ପାଏନା

ତା ଅଭିମାନର ଶେଷ ସନ୍ତକ ।

*****

ରାଉରକେଲା

**ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା**

ଅଧିକ ସୂଚନା ପାଇଁ
ସ୍ୱାସ୍ଥ୍ୟ ସହାୟତା ଫୋନ୍ ନଂ ୧୦୪ କିମ୍ବା
ମୋବାଇଲ୍: ୯୪୩୯୯୯୪୮୫୭/ ୯୪୩୯୯୯୪୮୫୯ ରେ ଯୋଗାଯୋଗ କରନ୍ତୁ ।

# ଶୁଆଟିଏ ମୁଁ ଶୁଆଟିଏ

ସୂର୍ଯ୍ୟ ମାଝୀ

ଶୁଆଟିଏ ମୁଁ ଶୁଆଟିଏ
ବଣ ମୂଲକର ପକ୍ଷୀଟିଏ ।ଘୋଷା।
ମୁକ୍ତ ଆକାଶରେ ଘୁରି ବୁଲି
ଆନନ୍ଦ ସାଉଁଟେ ମୁଁ ଯେ ଖାଲି
ସବୁଜ ସୁନ୍ଦର ଜଙ୍ଗଲ ମୋ ଘର
ଖାଏ ଫଳ ଯାହା ମିଳିଥାଏ ।୧।

ଶୁଆଟିଏ ମୁଁ.................
ନିର୍ଦ୍ଦୟ ଶିକାରୀ ମୋତେ ଧରି
ହାଟ ବଜାରରେ ବିକ୍ରି କରି
ବଦଳାଇ ଦେଇ ମୋ ଘର ଠିକଣା

ଗୁଜୁରାଣ ତାର ମେଣ୍ଟିଥାଏ ।୨।

ଶୁଆଟିଏ ମୁଁ.................
ନର ସଂସ୍ପର୍ଶରେ ଆସି ମୁହିଁ
ଜ୍ଞାତୀ ପରିଜନେ ଭୁଲିଯାଇ
ମଣିଷ ପରିକା କଥାବାର୍ତ୍ତା କରି
ଶିଶୁ ଜନ ମନ ମୋହିନିଏ ।୩।

ଶୁଆଟିଏ ମୁଁ.................
ତଥାପି ମନେ ମୋ ଦୁଃଖ ଘୋର
ପଞ୍ଜୁରୀ ଭିତର ମୋର ଘର
ସ୍ୱାଧୀନତା ନାହିଁ ଏଠି ମୋ ନିଜର
ମୁକ୍ତ କେବେ ହେବି ଭାବୁଥାଏ ।୪।

ଶୁଆଟିଏ ମୁଁ.................
କୁନା ମୁନା ମୋର ଭାରି ସାଙ୍ଗ

କହନ୍ତି ଖେଳିବେ ମୋର ସଙ୍ଗ

ପଞ୍ଜୁରୀ ଦୁଆର ଖୋଲିଣ ଦିଅନ୍ତି

ମମତାଟି ମୋର ବଢ଼ିଯାଏ ।୫।

ଶୁଆଟିଏ ମୁଁ.................

ଆଜି ମୁଁ ଭାବୁଛି ଯିବି ଉଡ଼ି

କାଲି ମୋହ ମାୟା ଧରେ ଭିଡ଼ି

ଅଜବ ଏ ନର କି ଯାଦୁ ଜାଣିଛି

ନ ଦେଖିଲେ ତାକୁ ଝୁରୁ ଥାଏ ।୬।

ଶୁଆଟିଏ ମୁଁ.................

*****

ଲାଠିପଡା, ନୟାଗଡ଼



# କଲ୍କୀ ଚଉତିଶା

ରୋଜା ପଣ୍ଡା

କି ସୁନ୍ଦର ରୂପ ତୋର, ଚିତ୍ରପଟ ପ୍ରାୟ
କି ପାଇଁ ସଜାଉ ସତ୍ୟ ନଜାଣି ତୁ ହାୟ ।୧।
ଖିରି ପିଠା ଖାଉ ନିତି ପିନ୍ଧୁ ନୂଆ ବସ୍ତ୍ର
କ୍ଷୀରରେ ଗାଧୋଉ ପୁଣି ଧରୁ ଅସ୍ତ୍ରଶସ୍ତ୍ର ।୨।
ଗୀତା ଭଳି ଗ୍ରନ୍ଥକୁ ତୁ ଅଣଦେଖା କରୁ
ଗିରି ଗୋବର୍ଦ୍ଧନ ନାମ ତୁଣ୍ଡେ ତୁ ନଧରୁ ।୩।
ଘିଅ, ମହୁ ଖାଇ ନିତି ଆନନ୍ଦରେ ଶୋଉ
ଘିରି ଘିରି ହେଇ ସାରା ଘର ବୁଲୁଥାଉ ।୪।
ଉଆଁସୀ ରାତିରେ କରୁ ଚୋରି ଆନ ଘରେ
ଉଇଁଲେ ସୁରୁଜ ଫେରୁ ନିଜ ଉଆସରେ ।୫।

ଚିରି, ଫାଡ଼ି ଛେଳି, ମେଣ୍ଢା ଆନନ୍ଦରେ ଖାଉ

ଚିକ୍କଣ କରିଣ ତାହା ମିଛ କହୁଥାଉ ।୬।

ଛିର୍ଣ୍ଣ କରୁ କା ମସ୍ତକ ନିଜ କ୍ରୋଧ ବଳେ

ଛିଣ୍ଡେ କେତେ ଯେ ସମ୍ପର୍କ ତୋ ପାଇଁ ଅକାଳେ ।୭।

ଜିତିବା ଆଶାରେ ସଦା ନିଜ ପାଖେ ହାରୁ

ଜୀର୍ଣ୍ଣ ଲୋକ ଠାରେ କେବେ ଦୟା ତୁ ନକରୁ ।୮।

ଝିଅଟିଏ ଦେଖି ନିଜ ବଶେ ତୁ ନରହୁ

ଝିମିଟ ଭଳି ତାହାକୁ ଝୁଣି ଖାଇଯାଉ ।୯।

ନିତି ଦେଉ ଭାରିଯାକୁ ଗୋଇଠା ପ୍ରହାର

ନିର୍ଲଜଙ୍କ ପରି ବୁଲୁ ତୁ ବାର ଦୁଆର ।୧୦।

ଟିକିଏ ଖୁସି ପାଇଁକି ଧରମ ଭୁଲିଣ

ଟିକି ଟିକି ଝିଅଙ୍କୁ ତୁ କରୁଛୁ ହରଣ ।୧୧।

ଠିକ୍ ଭୁଲ୍ ନଜାଣି ତୁ କରୁ ଅପକର୍ମ

ଠିକେ କହୁଅଛି ଜପକର ରାମନାମ ।୧୨।

ଡିଙ୍ଗୁରା ବାଡେଇ ନିଜ ପ୍ରଚାର କରୁଛୁ
ଡିବିରି ଆଲୁଅ ଦେଖି ଭୟରେ ଥରୁଛୁ ।୧୩।
ଡିହବାଡ଼ି ବିକି ତୁହି ଜୁଆ ଖେଳୁଅଛୁ
ଢ଼ିପ ଖାଲ ନ ଦେଖିଣ ବାଟ ତୁ ଚାଲୁଛୁ ।୧୪।
ଆଣିନାହୁଁ କିଛି ତୁହି ଜନମ ବେଳରେ
ଅଣିକାଠି ଯାହା ଶେଷ ମଶାଣି ଭୂଇଁରେ ।୧୫।
ତିଥି, ବାର ଦେଖେ ନାହିଁ ମରଣ ଦେବତା
ତୀର୍ଥ, ବ୍ରତରେ ଟିକିଏ ମନ ତୁ ଦେଉଥା ।୧୬।
ଥିରି ଥିରି ଝଡ଼ିବୁ ଶୁଖିଲା ପତ୍ର ପରି
ଥିଲା କି ନଥିଲା ସବୁ ଯିବେରେ ପାସୋରି ।୧୭।
ଦିନ ଦଶ ଗୋଟିକରେ ତତେ ଭୁଲି ଯିବେ
ଦିଘଡ଼ି କାନ୍ଦିଣ ପୁଣି ଲୁହ ପୋଛି ଦେବେ ।୧୮।
ଧୀରେ ଧୀରେ ସ୍ମୃତି ତୋର ଉଭେଇଣ ଯିବ
ଧିମେଇ ଜଳି ଶେଷରେ ଦୀପ ତୋ ଲିଭିବ ।୧୯।

ନିଶ୍ୱାସ ଛାଡ଼ିଲେ ଥରେ ଶରୀରରୁ ତୋର
ନିସ୍ୱ ହେଇ ପଡିଥିବୁ ନିରିଯିବ ତୁଲ ।୨୦।
ପିତା, ପୁତ୍ର ସବୁ ତତେ ଭୁତ ଯେ ଭାବିବେ
ପିତୁଳା, ମୋଉଳା ଯେତେ ଦେହ କିଳାଇବେ ।୨୧।
ଫିକା ପଡିଯିବ ତୋର ଚିତ୍ର ଓ ଚରିତ୍ର
ଫିଙ୍ଗିଦେବେ ଯେତେ ତୋର ଆସବାବପତ୍ର ।୨୨।
ବିନତି କରୁଛି ତତେ ରଖ ମୋର କଥା
ବିଶ୍ୱାସ କରିଣ ରାମନାମକୁ ଜପୁଥା ।୨୩।
ଭିତରେ ଗୋଟାଏ ରୂପ ବାହାରେ ଗୋଟାଏ
ଭିଆଇଛୁ କେତେ ଯାହା ଗଣି ତ ନହୁଏ ।୨୪।
ମିଶି କ୍ରୁର ଲୋକ ସଙ୍ଗେ କରୁ ଅପକର୍ମ
ମିଛ କହି, ପାପ କରି ସାରୁଛୁ ଧରମ ।୨୫।
ଯିବୁ ଯେବେ ଯମପୁର ଆଉ ନଫେରିବୁ
ଜୀବିକା, ଜୀବନ ସବୁ ପଛରେ ଛାଡ଼ିବୁ ।୨୬।

ରୀତି ନୀତି ଭୁଲି ନିଜ କୁଳ ନାଶ କଲୁ

ରିହାତି ଲୋଭରେ କନ୍ୟା ଅନ୍ୟ ହାତେ ଦେଲୁ ।୨୭।

ଲୀନ ହେଇଯିବୁ ବାବୁ ପାଉଁଶ ଗଦାରେ

ଲିପିପୋଛି ପକାଇବେ ଗୋବର ଦୁଆରେ ।୨୮।

ବିଧିର ବିଧାନ ଏତ ହେବନାହିଁ ଆନ

ବିଷ୍ଣୁଙ୍କ ନାମକୁ ଏବେ ଜପୁଥାରେ ମନ ।୨୯।

ଶିରେ ପାପ ଭାର ଧରି କେତେ ତୁ ଚାଲିବୁ

ଶିଉଳି ବାଟରେ ମୁହଁ ମାଡି ପଡ଼ିଯିବୁ ।୩୦।

ଶିତୁଆ ସକାଳ ପରି ଦେହ ତୋ ଥରିବ

ଶିଳପୁଆ ପରି ସେ ଯେ ଭୂମିରେ ଗଡ଼ିବ ।୩୧।

ସିଂହ ପରି ତେଜ ତୋର ମାଟିରେ ମିଶିବ

ସିନ୍ଥିରୁ କା ଅଚାନକେ ସିନ୍ଦୂର ଲିଭିବ ।୩୨।

ହୀରା ପରି ଚମକୁଛି ତୋ ଚନ୍ଦ୍ର ବଦନ

ହୀନ ଶାଗୁଣା ଝୁଣିବ ଦେଖିବୁରେ ଧନ ।୩୩।

କ୍ଷୀଣ ହେଲେ ତୋ ଶରୀର, ପଡ଼ିଯିବୁ ଟଳି

କ୍ଷିତିପତିଙ୍କ ପାଖକୁ ଆତ୍ମା ଯିବ ଫେରି ।୩୪।

*****

ପୂର୍ଣ୍ଣାନନ୍ଦ ଭବନ,
ନେତାଜୀ ନଗର,
ମଧୁପାଟଣା, କଟକ



# ବିଶ୍ୱ ମହିଳା ଦିବସ

ଟଙ୍କଧର ଶତପଥି

ଭଗିନୀ ଜନନୀ ଜାୟା ରୂପ ପାଇଁ କନ୍ୟା ସନ୍ତାନଟେ ଲୋଡ଼ା ।
ନ ଥିଲା କି କେବେ ନୋହିବ କେବେ ସେ ଦୁନିଆଁ ପାଇଁ ଅଲୋଡ଼ା ॥
ପୁଅ ପାଇଁ ସିନା ଦୁନିଆଁ ପାଗଳ ଚାଲୁଅଛି ଭ୍ରୂଣ ହତ୍ୟା ।
ପିତାମାତା ଯେବେ ହୁଅନ୍ତି ଅନାଦର କନ୍ୟା ପଚାରେ ଅଗତ୍ୟା ॥
କେତେବେଳେ ଥିଲା ଅବଳା ଦୁର୍ବଳା ରୂପେ ସିଏ ପରିଚିତା ।
ଏବେ କିନ୍ତୁ ସିଏ ସର୍ବତ୍ର ଆଗରେ ନୁହଁଇ କା ପାଇଁ ପିତା ॥
ବୀଜ ଅଙ୍କୁରିତ ପୃଥିବୀ ଗର୍ଭରୁ ମାତା ଗର୍ଭରୁ ସନ୍ତାନ ।
ଲକ୍ଷ୍ମୀ ଦେବୀ ଥା'ନ୍ତି ଧନୀକେ ସହାୟ ସରସ୍ୱତୀ ଦ୍ୟନ୍ତି ଜ୍ଞାନ ॥
ମାତାର ବକ୍ଷରୁ ଗାଭୀର ପହ୍ନାରୁ ବହଇ ଅମୃତଧାରା ।
ନାରୀ ଜାତି ବିନା ପବିତ୍ର କାର୍ଯ୍ୟକୁ କରି କେ ପାରିବ ପୁରା ॥

କିମ୍ବଦନ୍ତୀ ଶୁଣ ପୁରାଣକୁ ପଢ ସର୍ବତ୍ର ନାରୀର ଗୁଣ ।
ହାରିବା ତାରିବା ମାରିବା ନିମିତ୍ତ ହୋଇଅଛି ଯେ ବଖାଣ ॥
ନିଜ ମାତା ଭଗ୍ନୀ ରାସ୍ତା ପରେ ଯେବେ ପାଇଥାନ୍ତି ଅପମାନ ।
ପ୍ରତିରୋଧ ହୋଇଥାଏ ତତକ୍ଷଣ ଆନର ନାହିଁ କି ମାନ ॥
କୁତ୍ସିତ ମାନବ ମାନସ ପଟରୁ ନୀଚମନାକୁ ହଟାଅ ।
ନାରୀର ସୁରକ୍ଷା ନିମିତ୍ତ ଦୀକ୍ଷା ନିଜ ହୃଦେ ଆପଣାଅ ॥

*****

ତାଳଚେର, ଅନୁଗୋଳ




**ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା**

# ଗରିବ

ଆଶିଷ କୁମାର ସ୍ୱାଇଁ

ପିନ୍ଧିବା ପାଇଁ ଚିରା ଲେଙ୍ଗଡ଼ା ବସ୍ତ୍ର
ଓଳିଏ ଖାଇଲେ ଦି ଓଳି ଉପାସ
ଝୁମ୍ପୁଡି କୁଡ଼ିଆ ହେଉ ଅବା ରାସ୍ତା କଡ
ତାର ସ୍ୱର୍ଗୀୟ ନିବାସ ।
ନା ତା ପାଖେ ଥାଏ ଅର୍ଥ ବଳ
ନା ତା ପାଖେ ଥାଏ ବାହୁବଳ ।
ନା ତା ପାଖେ ଥାଏ ସରକାରୀ ସୁବିଧା
ନା କାହାକୁ କହିଲେ କିଏ ବା ଶୁଣେ
ତା ମନ ହୃଦୟର କଥା ।

ସତେ ଅବା ଅଭିଶପ୍ତ ଜୀବନ ତାର

ମାଡ଼ ହୀନ ଦୃଷ୍ଟି ତା ପାଇଁ ଉପହାର ।

ସୁଖ ଶାନ୍ତି ମଜା ଆନନ୍ଦ ଉଲ୍ଲାସ

ଦୂରେ ଦେଖି ମାରେ ଦୁଃଖର ନିଶ୍ୱାସ ।

ନୁହେଁ ସେ ସମ୍ମାନର ପାତ୍ର କି

ନୁହେଁ ସେ ପସନ୍ଦର ପାତ୍ର

ଅଭାବ ଗରିବତା ହିଁ ତାର ଶ୍ରେଷ୍ଠ ଅସ୍ତ୍ର ।

*****

ସିଆରା, ବ୍ରହ୍ମଗିରି, ପୁରୀ



# ବୃକ୍ଷ ଦୋହଦ

ଅମ୍ରିତେଶ ଖଟୁଆ

ବିବସ୍ତ୍ର ଚର୍ମ
ତନ୍ଦ୍ରିଳ, ଘର୍ମାକ୍ତ ଦେହୀର ଦୋହଦ
ଯୂଥିର ପଥି ଉପରେ ଶୋଇଛି
ରୁକ୍ଷ ପର୍ବତର ସୂର୍ଯ୍ୟୋଦୟ,
ଆଉ ଜାଗି ଉଠିଛି ଅନ୍ଧାର ଆଉ
ମାଡି ଆସୁଥିବା ଝଡର ଅବିକୀର୍ଣ୍ଣ ଚିହ୍ନ
ସେହି ବୋଧେ ଏକା ଆତ୍ମୀୟର ନିଦ୍ରା
ଚେଇଁଥିବା ନିଃଶ୍ୱାସର ଅବକ୍ଷୟ !

ବିନାଶ କେବେ ଆସିବ
ଆଉ ଦରକାର ନାହିଁ, ଆଉ ଲୋଡା ନାହିଁ

ପଚାରି ପଚାରି ପ୍ରଶ୍ନବାଚୀ କରିଦେବାକୁ
ଅସମୟରେ ଏ ସମ୍ପୂର୍ଣ୍ଣ ଯୌବନର ପରଶ,
ଆଉ ଧରି ନେଇଥିବା ସତ୍ୟକୁ
ରଇତର ଧନ ଭାବି ଠେକି ବସିଥିବା
ସାକ୍ଷ୍ୟରେ ସାରିଦେଉଥିବା ସମସ୍ତ ସମୟର
ରକ୍ତ ପଳାଶ, ରକ୍ତିମ ନିରୁଦ୍ୟମ
ଆଉ ସରିଯାଉନି ହେଲେ ଏ ଅନ୍ତିମ
ବାକ୍ୟର ଉତ୍କୋଚ  !

ବକୁଳର ତୃଷ୍ଣା ଖେଦେ କର୍ଷିତ
ସବୁ ବଉଳର ଅଲୋଡା ଦେହଳୀ,
ଝୀନ ତୃଷ୍ଣାର ସରଞ୍ଜାମ ଲୋଡ଼ା
କେବଳ ଘୋଟି ଦେବାକୁ ଏ ଘନାଳି  !
ହ୍ରେଷା ଦୂରେ ରାବେ
ସନ୍ତ୍ରମର ଟାପୁ ଶବ୍ଦେ ପର୍ଯ୍ୟବେଶିତ ସମ୍ଭାବନାରେ

ରଚିଯାଏ ଅମ୍ଳବାସନାର ନିରନ୍ତର ମିଛ,

ଆଉ ଜ୍ୟାମୁକ୍ତ ହେବାକୁ ସବୁ ଏଠି

ଯୂଥ୍ ଫୁଲରେ ପଳାଶକୁ ଢାଳନ୍ତି

ରକ୍ତର କୃଚ୍ଛ୍ର ସହକାରେ !

*****

୨୩୭, ଫେଜ୍ -୨, କାନନ ବିହାର,
ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

Prerana e-Store

*The Ultimate Bookshop*

https://store.preranaodia.com/

# ମୋହ

କବିରତ୍ନ ନୂତନ କୁମାର ବେହେରା

ସିନ୍ଧୁଏରୁ ବିନ୍ଦୁଏରେ
ଲୁକ୍କାୟିତ ଅଛି ଆତ୍ମସତ୍ତ୍ୱା,
ଅନୁସନ୍ଧାନର ସୂକ୍ଷ୍ମ ଦୃଷ୍ଟିକୋଣ
ଖୋଜିବୁଲେ ତାର ନିରାପତ୍ତା ।

ଆକାଂକ୍ଷା ଅସୁମାରି
ବେଳାଭୂମିର ଭିଜା ଭିଜା
କଠିନ ବାଲିରେଣୁ ଶଯ୍ୟା,
ଶତ ଶତ ଢେଉର ଖାଇ କଚଡା
ଚାପରେ ଚାପି ହୋଇ ସ୍ତର ସ୍ତର
ଭୁଲିଯାଏ ତା' ନିଜର ପରିଚର୍ଯ୍ୟା ।

ସଂଖ୍ୟାହୀନ ଜଳଠୋପାର ବର୍ଷାରୁ

ଠୋପାଏ ଜଳ ଶାମୁକା ଗର୍ଭରେ

ହୁଏ ଅମୂଲ୍ୟ ମୋତି ,

ଆବଶ୍ୟକତାର ଆସକ୍ତି ଅଶେଷ

ତାର ପରିମାଣରୁ ଚେନାଏ

ପାଇବାର ଅଭୀପ୍ସା

ଜାଗ୍ରତ ସ୍ୱପ୍ନର ଆଶା ଜ୍ୟୋତି ।

ଅତିମାତ୍ରାରେ ଈପ୍ସିତ ଇଛା

ପୂର୍ଣ୍ଣ କରିବାର ଦୁର୍ବାର ଉଦ୍ୟମ

ଏକ ନିଶାସକ୍ତ ମାନସିକତା,

ପାର୍ଥିବ ଭୋଗବିଳାସ

ଐଶ୍ୱର୍ଯ୍ୟର ପ୍ରାଚୁର୍ଯ୍ୟତା

ଭାଙ୍ଗିଦିଏ ଆତ୍ମସଂଯମତା ।

ମଧୁ ପାନେ ଆସି ମଧୁମକ୍ଷିକା

ମଧୁଭାଣ୍ଡେ ହେଲେ ପତିତ,

ମଧୁପାନ କରି ନ ପାରି

ମଧୁମଧ୍ୟେ ଛଟପଟ ହୋଇ

ନିଜସ୍ୱ ପ୍ରାଣକୁ କରେ ନିହତ ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ

**କାର୍ଯ୍ୟସ୍ଥଳୀରେ ଏକାଧିକ ବ୍ୟକ୍ତି କାମ କରୁଥିବା ବେଳେ ଏହି ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି । ଏହାର ପ୍ରତିରୋଧ ପାଇଁ ପ୍ରତ୍ୟେକ କାର୍ଯ୍ୟସ୍ଥଳୀରେ ପ୍ରତିଷେଧକ ଉପାୟ ଅବଲମ୍ବନର ବିଶେଷ ଆବଶ୍ୟକତା ଅଛି ।**

**ଧ୍ୟାନ ଦିଅନ୍ତୁ -**

- ଆପଣଙ୍କ କାର୍ଯ୍ୟାଳୟ ପରିଷ୍କାର ଓ ସ୍ୱଚ୍ଛ ରହିବା ସୁନିଶ୍ଚିତ କରନ୍ତୁ । (ଟେବୁଲ୍, କମ୍ପ୍ୟୁଟର,ଫୋନ୍ ଓ ଅନ୍ୟାନ୍ୟ ବ୍ୟବହୃତ ଉପକରଣ ଇତ୍ୟାଦିକୁ ଜୀବାଣୁନାଶକ ଦ୍ରବଣ ସାନିଟାଇଜର/ଆଲକୋହଲ ସ୍ପ୍ରେ ପକାଇ ନିୟମିତ ପୋଛନ୍ତୁ ।
- ନିୟମିତ ହାତକୁ ସାବୁନ୍‌ରେ ଭଲଭାବରେ ସଫା କରିବା ପାଇଁ କର୍ମଚାରୀମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ।
    - ହାତଧୁଆ ବେସିନ୍ ନିକଟରେ ପାଣି ଓ ସାବୁନ ଉପଲବ୍ଧ କରାନ୍ତୁ । ମନେ ରଖନ୍ତୁ, ବାରମ୍ବାର ସାବୁନ୍‌ରେ ହାତ ଧୋଇବା ଦ୍ୱାରା ଜୀବାଣୁ ଗୁଡିକ ମରିଯାଇଥାନ୍ତି ଏବଂ ସଂକ୍ରମଣ ପ୍ରତିରୋଧ ହୋଇଥାଏ ।
    - ହାତଧୁଆ କୌଶଳ ସମ୍ପର୍କିତ ପୋଷ୍ଟର ଲଗାନ୍ତୁ ।
- ମୁହଁ ଓ ହାତକୁ ବାରମ୍ବାର ସ୍ପର୍ଶ କରନ୍ତୁ ନାହିଁ ।
- କାର୍ଯ୍ୟସ୍ଥଳୀରେ କାଶ,ଛିଙ୍କ ଦ୍ୱାରା ହେଉଥିବା ସଂକ୍ରମଣ ପ୍ରତିରୋଧ କରିବା ପାଇଁ ଟିସୁ ପେପର ବ୍ୟବହାର ପାଇଁ ପ୍ରୋତ୍ସାହିତ କରନ୍ତୁ ।
    - ବ୍ୟବହୃତ ଟିସୁ ପେପରକୁ ତୁରନ୍ତ ଢାଙ୍କୁଣୀ ଥିବା ଡଷ୍ଟବିନ୍‌ରେ ପକାଇବା ପାଇଁ ପରାମର୍ଶ ଦିଅନ୍ତୁ ।
- ସାମାନ୍ୟ ଜ୍ୱର,କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଦେଖାଯାଉଥିଲେ, କର୍ମଚାରୀମାନଙ୍କୁ ଘରେ ସ୍ୱନିରୀକ୍ଷଣରେ ରହିବାକୁ ପରାମର୍ଶ ଦିଅନ୍ତୁ ।
- କରମର୍ଦ୍ଦନ ବା ଆଲିଙ୍ଗନ କରନ୍ତୁ ନାହିଁ ।
- କାର୍ଯ୍ୟସ୍ଥଳୀରେ ଜନସମାବେଶ କରନ୍ତୁ ନାହିଁ ।
- ସର୍ଦ୍ଦି,ଜ୍ୱର,କାଶ ଭୋଗୁଥିବା ବ୍ୟକ୍ତିଙ୍କ ଠାରୁ କର୍ମଚାରୀମାନେ ନିଜକୁ ଦୂରେଇ ରଖନ୍ତୁ ।
- ଜରୁରୀ ଆବଶ୍ୟକତା ନଥିଲେ ବାହାରକୁ ଗସ୍ତରେ ଯିବାକୁ କର୍ମଚାରୀମାନଙ୍କୁ ବାରଣ କରନ୍ତୁ ।
- ବର୍ତ୍ତମାନ ପାଇଁ ବାୟୋମେଟ୍ରିକ୍ ଉପସ୍ଥାନ ମେସିନ୍ ବ୍ୟବହାର କରନ୍ତୁ ନାହିଁ ।

# ପଦ୍ମକୁ ପଦେ

ଶ୍ରୀମତୀ ଚିନ୍ମୟୀ ମିଶ୍ର

ସ୍ରଷ୍ଟାଙ୍କର ସୃଷ୍ଟି ବଡ଼ ବିଚିତ୍ର । ସମଗ୍ର ପୃଥିବୀରେ ମନୁଷ୍ୟ, ପଶୁପକ୍ଷୀ, କୀଟପତଙ୍ଗ, ବୃକ୍ଷଲତା, ନଈନାଳ ଏବଂ ବଣ ପାହାଡ ପ୍ରଭୃତି ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଥିଲେ ମଧ ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗ ଫୁଲର ଶୋଭା ଅତ୍ୟନ୍ତ ଲୋଭନୀୟ ଆଉ ଚିତାକର୍ଷକ । ୟୁଇ, ଯାଇ, ହେନା, ମଲ୍ଲୀ, ଚମ୍ପା, ଗେଣ୍ଡୁ, ଟଗର, ଗୋଲାପ, ସେବତୀ, ସୂର୍ଯ୍ୟମୁଖୀ, ଗଙ୍ଗଶିଉଳି, ଏପରିକି ରଜନୀଗନ୍ଧା ପ୍ରଭୃତି ଫୁଲ ଅପେକ୍ଷା ବିକଶିତ ପଦ୍ମପୁଷ୍ପର ସୌନ୍ଦର୍ଯ୍ୟ ଜନମନ ଆକର୍ଷଣ କରିଥାଏ । ପଦ୍ମ ପଙ୍କରୁ ଜାତ ହୋଇ ପଙ୍କଜିନୀ ନାମ ଧାରଣ କରିଥାଏ ସତ ହେଲେ ତାର ରୂପ ମାଧୁରୀରେ କୌଣସି କଳୁଷତା ନଥାଏ । ସେ ସଦାସର୍ବଦା ସ୍ୱଚ୍ଛ, ଶୁଦ୍ଧ ଏବଂ ପବିତ୍ର ପୁଷ୍ପବୋଲି ସମସ୍ତଙ୍କର ପ୍ରିୟପାତ୍ର ହୋଇଥାଏ,

ବିଦ୍ୟାଦାତ୍ରୀ ମାତା ସରସ୍ୱତୀ ଶ୍ୱେତପଦ୍ମ ଆସନରେ ବିରାଜମାନ କରିଥାନ୍ତି । ଜଗଜ୍ଜନନୀ ଲକ୍ଷ୍ମୀ ଠାକୁରାଣୀଙ୍କର ଅତିପ୍ରିୟ ହେଉଛି ଏହି ପଦ୍ମଫୁଲ । ମା କମଳିନୀ ପଦ୍ମ ଆସନରେ ବସି ହାତରେ ପଦ୍ମଫୁଲ ଧାରଣ କରିଥାନ୍ତି, ତେଣୁ ଲକ୍ଷ୍ମୀ ସହସ୍ର ନାମରେ ତାଙ୍କର ନାମ ପଦ୍ମା, ପଦ୍ମଜା, ପଦ୍ମାଳୟା ବୋଲି ଉଲ୍ଲେଖ ଅଛି, ଲକ୍ଷ୍ମୀକାନ୍ତ ସ୍ୱୟଂ ନାରାୟଣଙ୍କର ହସ୍ତର ଆୟୁଧ ହେଉଛି ଏହି ପଦ୍ମଫୁଲ ତାଛଡା ଅନନ୍ତ ଶୟନରେ ବିଷ୍ଣୁଙ୍କର ନାଭିଦେଶରୁ ପଦ୍ମଫୁଲ ଜାତ ହୋଇଥିବାରୁ ତାଙ୍କର ନାମ ପଦ୍ମନାଭ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ରଙ୍କର ଅନ୍ୟ ନାମ ହେଉଛି ରାଜୀବଲୋଚନ, ପ୍ରଭୁ ରାମଚନ୍ଦ୍ର ରାବଣଙ୍କୁ ନିଧନ କରିବା ନିମନ୍ତେ ଯେତେ ବେଳେ ମା ଦୁର୍ଗାଙ୍କର ପୂଜା କରୁଥିଲେ ସେତେବେଳେ ଶହେ ଆଠ ପଦ୍ମଫୁଲରୁ ଗୋଟିଏ ଫୁଲ କମି ଯାଇଥିଲା ସେଥି ପାଇଁ ରାମଚନ୍ଦ୍ର ପଦ୍ମଫୁଲ ସଦୃଶ ନିଜର ଚକ୍ଷୁକୁ ଧନୁ ତୀର ଦ୍ୱାରା ତାଡିବା ପାଇଁ ଉଦ୍ୟମ କରୁଥିବା ସମୟରେ ମା ଦୁର୍ଗା ସନ୍ତୁଷ୍ଟ ହୋଇ ତାଙ୍କୁ ବରଦାନ କରିଥିଲେ ଦୁର୍ଗାଙ୍କର ଆର୍ଶୀବାଦ ପାଇ ପ୍ରଭୁ ଦାଶରଥି

ଦଶଶିରକୁ ନିହତ କରିପାରିଥିଲେ । ଏତଦବ୍ୟତୀତ ଫୁଲ ମାନଙ୍କର ରାଜା ପଦ୍ମଫୁଲକୁ ଜାତୀୟ ପୁଷ୍ପ ରୂପେ ଗ୍ରହଣ କରାଯାଇଛି । ବିଶେଷତଃ ପୋଖରୀ ଭିତରେ ଫୁଟନ୍ତା ପଦ୍ମଫୁଲ ଉପରେ ଭଅଁର ମାନେ ଫୁଲରୁ ମହୁ ସଂଗ୍ରହ କରିବା ପାଇଁ ଉଡି ବୁଲୁଥିବା ଦୃଶ୍ୟ ଅତୀବ ମନୋହର ହୋଇଥିବାରୁ ଏହି ଦୃଶ୍ୟକୁ ଲକ୍ଷ୍ୟକରି କବି ତାଙ୍କର ଲେଖନୀ ମୁନରେ ଉଲ୍ଲେଖ କରିଛନ୍ତି ଯେ -

"ଦେଖରେ ନଳିନୀ ନଳିନୀ ନଳିନୀରେ ପୂରିତ,
ଭ୍ରମନ୍ତି ଭ୍ରମର ଭ୍ରମରେ ଭ୍ରମରେ ଏ ଶୋଭିତ"

ପ୍ରକୃତରେ ଯେଉଁ ପଦ୍ମଫୁଲର ଏତେ ଗୁଡିଏ ମାହାତ୍ମ୍ୟ ଲୁଚି ରହିଛି, ତେବେ ସେହି ପଦ୍ମଫୁଲକୁ କଥା ପଦେ ପଚାରିଲେ କେମିତି ହୁଅନ୍ତା....?

କମଳିନୀ ତୁହି ସୁନ୍ଦର କେତେଲୋ,
ସରୋବର ମଧ୍ୟେ ଥାଇ,
କାନନର ଲତା ଗହଳ ପୁଷ୍ପକୁ,

ଘୃଣା କି ତତେ ଲାଗଇ...।୧

ତେବେ କି ବାଛିଲୁ ତୋର ବାସସ୍ଥାନ

ସୁନ୍ଦର ପୋଖରୀ ତୁଠ,

କାନନରେ କ'ଣ ଅଂଶୁମାଳୀ ସଙ୍ଗେ

ହୁଅନ୍ତାନି ତୋର ଭେଟ....।୨

ପ୍ରଭାତରୁ ତୋର ନିତ୍ୟକର୍ମ ସାରି,

ପାଖୁଡା ରଖୁ ମେଲାଇ,

ଜଣା ପଡେ ସତେ ପାଖୁଡା ଗୁଡିକ

ରହିଛି ତା କାନ୍ତ ଚାହିଁ...।୩

ଦିବାକର ପ୍ରିୟା ବୋଲିଣ ତୁହିଲୋ

ଭବେ ଗରବିତା ହେଉ,

କିନ୍ତୁ ସୂରୁଜ କିରଣ ମଳିନ ହୋଇଲେ

ଦୁଖେ କି ମଉଳି ଯାଉ...।୪

ବୁଝି ମୁଁ ପାରେନା ପଦ୍ମ ଆଲୋ ତୁହି

ବିକଶିତ ପାଖୁଡ଼ାରେ

ରଖିଛୁ କି... କେଉଁ ଅମୋଘ୍ ଔଷଧ,

ଛାୟା କାନ୍ତ ଭୁଲିବାରେ...

କହ କହ ସତ କହ ଆଲୋ ପଦ୍ମ,

ତୁହି କି...? ସୂର୍ଯ୍ୟ ବାନ୍ଧବୀ....?

ତୋ ମୁଖରୁ ଯେବେ ଶୁଣିବି ସତେଲୋ

ଜଗତରେ ଜଣେଇବି..

ଜାଣେଲୋ ନଳିନୀ କହିବୁନି କଥା

ରହିଯିବୁ ସ୍ଥାଣୁ ପରି,

ଜୀବନରେ ମୋର ରହିଯିବ ଆଶା,

ଚିରଦିନ ଏହି ଭଳି..

ଜାଣିଛି ପଦ୍ମଲୋ ସମ୍ମତି ଲକ୍ଷଣ...

ମଉନର ପରିଭାଷା

ମନେ ମନେ ତାହା ଭାବିଦେଲି ମୁଁହି...

ପୂର୍ଣ୍ଣହେଲା ମୋର ଆଶା..

ସକଳ ଶକ୍ତିର ଆଧାର ଯିଏଲୋ,

ସେହୁତୋ ଜୀବନ ସାଥି,

ତାଙ୍କରି ପ୍ରେମରେ ବାନ୍ଧି ହୋଇ ସଦା,

ହୁଅ ତୁ ସୌଭାଗ୍ୟବତୀ,

ପ୍ରଭୁ ସହସ୍ରାଂଶୁ ପଙ୍କଜିନୀ ବନ୍ଧୁ,

ତୁମେ ସୂର୍ଯ୍ୟ ନାରାୟଣ,

ପଦ୍ମ ପାଇଁ ପଦେ ଲେଖି ଦେଇ ଶେଷେ

ମାଗୁଛି ପାଦେ ଶରଣ...

*****

ପ୍ରାଚୀ ବିହାର, ପଳାଶୁଣି,

ଭୁବନେଶ୍ୱର

ଧ୍ରୁବତାରା ପବ୍ଲିକେଶନସ୍

*We print your thoughts*

# କରୋନା ଭାଇରସ୍

ହୃଦୟାନନ୍ଦ ପଧାନ

ହେ କରୋନା !

ତୁମ ମନେ ନାହିଁ ତ କରୁଣା

ତୁମ ସୃଷ୍ଟିର ଆଦ୍ୟମାରମ୍ଭ

ସେଇ ଚୀନର ଉହାନ ନଗରୀରୁ ।

ସୌନ୍ଦର୍ଯ୍ୟର ମୁକୁଟ ପିନ୍ଧି

ବିସ୍ତାରିତ କରିଚାଲିଛ ତୁମ କାୟା

ପକ୍ଷୀଠୁ ଶାବକ, ପଶୁଠୁ ମନୁଷ୍ୟ ।

ତୁମେ ମନେ ଟିକିଏ ବି ନାହଁ ଦୟା,

କ୍ଷମା ନାହଁ ତୁମ ଶବ୍ଦକୋଷେ

ତୁମେ ଆସିଛ ପୃଥିବୀକୁ ଧ୍ୱଂସ କରିବାକୁ

ସତରେ ସାଶ ଆଉ ମାସର ଭାଇରସ୍ ରୂପେ ।

ଭରି ଦେଇଛ ସମସ୍ତଙ୍କ ହୃଦୟ ଗର୍ତ୍ତେ

ଥଣ୍ଡା, କାଶ ଅଥବା

ନିଶ୍ୱାସ ପ୍ରଶ୍ୱାସର ଯନ୍ତ୍ରଣା ସିକ୍ତ ବ୍ୟାଧି

କାହିଁକି ତୁମର ସୃଷ୍ଟି

ପୃଥିବୀ ସାରା ଭୂତାଣୁ ଭରି

କରିଦେଲଣି ଅନାବୃଷ୍ଟି ।

ତୁମେ ଏତେ ନିର୍ଦ୍ଦୟ କାହିଁକି

କାହିଁକି ତୁମେ ଏତେ କଠୋର୍

ତୁମର ତ ଶରୀର ନାହିଁ

କାୟା ବିସ୍ତାର କରୁଛ

ଏ ଶରୀରୁ ସେ ଶରୀର

ସିଞ୍ଚି ଦେଇ ତୁମର

ସେ ଚନ୍ଦନ ଛିଟା ରୂପି ଭୂତାଣୁ ।

କେତେ ଯେ ନିରୀହ ବଳି ପଡିଲେଣି

ପ୍ରତିଦିନ ପ୍ରତି ରାତିରେ କେବଳ ତୁମ ପାଇଁ

ଚୀନକୁ ଅନେଇକି ଦେଖ

ତା'ର ସେ କରୁଣ ଦୃଶ୍ୟ

ଇଟାଲୀ ଆଜି କାନ୍ଦୁଛି ତୁମ ପାଇଁ

ଆମେରିକା, ଇରାନ, ଜାପାନ, ଭାରତ

ସମସ୍ତଙ୍କ ଦୃଶ୍ୟ ଆଜି ଦୟନୀୟ ।

ତୁମର ଆତଙ୍କ ଖେଳି ଯାଇଛି

ଆତଙ୍କବାଦୀ ଠୁ ବି ବେଶୀ

ସତରେ ତୁମେ କ'ଣ ଏ କଳିଯୁଗକୁ

ଧ୍ୱଂସ କରି ଦେବ ନା କ'ଣ

ଏ ଯାଏ ତ ତୁମର ପ୍ରତିଷେଧକ

ଟୀକା ବି ଆସିନି ।

ତୁମେ କ'ଣ ଏତେ ଭୟଙ୍କର

ପ୍ରଳୟଙ୍କରୀ ବାତ୍ୟା ଠୁବି ବେଶି


ସତରେ ତୁମେ ଭୟଙ୍କର ମଶାଣିରେ

ଜଳୁଥିବା ଜୁଇ ଠୁବି !!

*****

ଅମରପାଲି, ବୀରମହାରାଜପୁର

ସୁବର୍ଣ୍ଣପୁର



# ଗଦ୍ୟ ବିଭାଗ




**ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା**

# ଦୁହିତା

ଶ୍ରୀମାନୀ ପ୍ରିୟଦର୍ଶିନୀ ଦାସ

ପ୍ରତି ଖରାଛୁଟିରେ ମୀନା ତା'ର ଗାଁ କୁସୁମ ପୁରକୁ ଯିବା ପାଇଁ ଜିଦ୍ ଧରେ, ସେଥିପାଇଁ ତା ବାପା ମା'ଙ୍କୁ ନେଇ ପ୍ରତିବର୍ଷ ଖରାଛୁଟିରେ ତା ଗାଁକୁ ଚାଲିଆସେ । ମୀନାର ବାପାଙ୍କ ଭୁବନେଶ୍ୱରରେ ଚାକିରି, ଛୁଟି ନ ଥିବାରୁ ସେ ମା ଝିଅ ଦୁହିଁଙ୍କୁ ଗାଁରେ ମୀନାର ଦାଦା ଖୁଡିଙ୍କ ପାଖେ ଛାଡ଼ି ଦେଇ ଆସନ୍ତି । ମୀନା ଗାଁକୁ ଆସିବାର ଏତେ ଅଳି ଅଝଟ କରିବାର କାରଣ ହେଉଛି କୁନି ନାନୀ । ମୀନା ଘର ବାରି ପଛ ପଟକୁ ଦୁଇ ଦୁଇଟା ଘର ଛାଡ଼ି କୁନି ନାନୀ ଘର ।

ତନୁପାତଳି ଚେହେରା, ସୁନ୍ଦର ମୁଖ ମଣ୍ଡଳ, ମଥାରେ ଅଧା ଚାନ୍ଦ ଟିକିଲି, ଲମ୍ବା କେଶ ଗୁଚ୍ଛ କଟି ଯାଏ ଲମ୍ବିଛି, ଗୋଟିଏ ଚାଉଳରେ ଗଢା

ଝିଅଟିଏ ସେ ! ଲାଲ୍ ଶାଢ଼ୀଟେ ପିନ୍ଧି ଯେତେବଳେ ଘରୁ ବାହାରି ଯାଏ କେହି ବିଶ୍ୱାସ କରନ୍ତି ନାହିଁ ଯେ ଯେ କୁନି ନାନୀ ବୋଲି । କୁନି ନାନୀର ସବୁବେଳେ ସେଇ ନାଲି ରଙ୍ଗର ଦୁଇ ଚାରିଟା ଶାଢ଼ୀ, ନାଲି ରଙ୍ଗକୁ ବେଶ୍ ଭଲପାଏ ସେ । ଦେବୀ ଲକ୍ଷ୍ମୀଙ୍କ ଭଳି ଦିଶୁଥାଏ । ଗୋଟେ ଅଜବ କଥା ହେଉଛି ମୟୂର ଚୂଳ ଟିଏ ଧରି ନିତି ମନେ ମନେ କ'ଣ ଗୁଣୁ ଗୁଣେଇ କହୁଥାଏ ବୋଲି କେହି କେହି ଥଟ୍ଟାରେ ରାଧା ଡାକନ୍ତି ତ କେହି କେହି କୁହନ୍ତି ଆଲୋ ତୋ କୃଷ୍ଣ କେବେ ଆସିବ ? ଲଜକୁରି ଟେ ସେ, ଲାଜେଇ ଯାଏ ।

ମା ଛେଉଣ୍ଡ କୁନି ନାନୀ, ମା ମଲା ପରେ ପାଠରେ ଡୋରି ବନ୍ଧା ହେଲା । ଘରେ ତାର ରୋଗିଣା ବାପା, ତା ସହ ତାର ସାବତ ମା'ର ଅତ୍ୟାଚାର । ତଥାପି ସେ ସବୁ କିଛି ସହି ଯାଏ ଓ ତା ଓଠରେ ଥାଏ ସେଇ ମନଖୋଲା ହସ ଟିଏ ! ଯାହା ହେଲେ ବି ସେ ମା, ସେ ତାର ଦୁହିତା । ସେ ଦୁହିତାର କର୍ତ୍ତବ୍ୟ କରିବାକୁ ଯାଇ କାହା ଆଗରେ ତା

ସାବତ ମା ବିରୁଦ୍ଧରେ କିଛି କୁହେ ନାହିଁ । ତଥାପି ଗାଁ ଲୋକ ଜାଣି ଥାଆନ୍ତି ସେ ତା ସାବତ ମାଆ ଦ୍ୱାରା କେତେ କଷ୍ଟ ପାଏ । ଗାଁ ଲୋକ କୁହନ୍ତି ବାରବୁଲି ଟା, ପାଠ ଆଉ ଅଧିକ ପଢିଲା ନାହିଁ ଯେ ଘରେ ବସି ବସି ବିରକ୍ତ ହେବା ଅପେକ୍ଷା ସେ ଏ ଘର ସେ ଘର ବୁଲି ଗାଁ ଭାଉଜ ମାନଙ୍କ ସହ ଗପ ସପ କରିବା ତାର ନିତି ଦିନିଆ ଅଭ୍ୟାସ । ସମସ୍ତେ କୁନି ନାନୀକୁ ଏପରି କହି ଦିଅନ୍ତି ସତ, ମନ ଭିତରେ ତା'ର ଖୁବ୍ ଆଦର କରନ୍ତି । ଖୁବ୍ ଭଲ ପାଆନ୍ତି ତାକୁ, ନିଜର ଝିଅ ଥାଇ ମଧ୍ୟ ତାକୁ ସମସ୍ତେ ନିଜ ଦୁହିତା ବୋଲି ଭାବନ୍ତି । ସମସ୍ତଙ୍କ ସୁଖ ଦୁଃଖରେ ଠିଆ ହେଇଥିବା ଝିଅ ଟିଏ କୁନି ନାନୀ । ସମସ୍ତେ କୁହନ୍ତି ତୁ ଦୁହିତା ଦୁଇ କୁଳକୁ....କହୁ କହୁ ଅଟକି ଯାଆନ୍ତି । "କାରଣ ପିଲା ଦିନୁ ମା'କୁ ହରେଇ ସେ ତା ସାବତ ମାଆ ଦ୍ୱାରା ଏତେ କଷ୍ଟରେ ଅଛି କିଏ କହିବାକୁ ଚାହିଁବ ସେ ଏ କୁଳରେ ହିତା ବୋଲି । ଠାକୁରେ କରନ୍ତୁ ଶାଶୁଘର ଗଲେ ସେ ଭଲରେ ରହୁ ।" କୁନି ନାନୀ ଶେଷ ଧାଡ଼ିକୁ ଅପେକ୍ଷା ନ କରି ଚାଲି ଯାଏ ।

କାରଣ ସେ ଜାଣିଛି ତାର ଅର୍ଥ କ'ଣ ଯାହା ତା ଭାଗ୍ୟରେ ନାହିଁ ।

ମୀନା ଗାଁରେ ପହଞ୍ଚୁ ପହଞ୍ଚୁ ଶୁଣିଲା - " ଆଲୋ ମୀନା ! ତୁ କେତେବଳେ ଆସିଲୁ ? ହଉ ହଉ ଏତେ ଦିନକେ ଆସିଛୁ ତ ଆମ ଘରକୁ ଆସିବୁ । ବାଇଗଣଟେ ପୋଡ଼ି ରଖି ଥିବି ଆସି ପଖାଳ ଖାଇଦେଇ ଯିବୁ । ତୋତେ ପରା ମୋ ହାତ ତିଆରି ବାଇଗଣ ଭର୍ତ୍ତା ଖୁବ୍ ଭଲ ଲାଗେ - ଏତକ କହି କହି କୁନି ନାନୀ କୋଉ ଆଡେ ଉଭାନ ହୋଇଗଲା ଯେ ମୀନା ଖୋଜି ଖୋଜି ପାଇଲା ନାହିଁ ।

ଏହା ପରେ ମୀନା ତା ବୋଉକୁ କୁହେ- "ବୋଉ ବୋଉ"- କ'ଣ ହେଲା ?- ଆରେ ଏଇ କୁନି ନାନୀ ଏଇଠି ଥିଲା ? ତାଙ୍କ ଘରକୁ ଡ଼ାକି ଦେଇ କୁଆଡେ ଉଭାନ ହୋଇଗଲା ?- ଓଃ ତୁ ଆସୁ ଆସୁ କୁନି ନାନୀ, ସେ ଏଇଠି କୋଉଠି ଥିବ । ଯା ଖୋଜିବୁ ଯା, ମୁଁ ଭିତରକୁ ଯାଏ ତୋ ଖୁଡି କୋଉଠି ଅଛନ୍ତି ଦେଖେ । ମୀନା ଏହାପରେ କୁନି ନାନୀ ଡାକି ଡାକି ଦେଖିଲା କୁନିନାନି କୂଅ ପାଖେ ବସି ତେନ୍ତୁଳି ଲୁଚେଇ ଖାଉଛି ।

କ'ଣ ମୋତେ ଦବୁନି ?- ତୋତେ ପୁଣି ଦେବିନି ? ଏଇ ନେ କହି ମୀନା ହାତକୁ ବଢେଇ ଦିଏ କେତେଟା ତେନ୍ତୁଳି ମଞ୍ଜି;- ଯେ ଯେ କ'ଣ ? ମୁଁ ତୋ ସହ ଆଉ କଥା ହେବିନି । - ହି ହି !!! ଆଲୋ ହୁଣ୍ଡି ନେ କହି ଲୁଚେଇ ଥିବା କିଛି ତେନ୍ତୁଳି ମୀନାକୁ ଦେଇ ଦିଏ । - ତାହାଲେ ତୁ ରଖି ଥିଲୁ ନା, କହି କୁନି ନାନୀକୁ ମାରି ଗୋଡାଏ । ଏମିତି ଗୋଡା ଗୋଡି ହୋଇ ଥକି ଗଲା ପରେ କୁନି ନାନୀ କୁହେ - ଏବେ ଚାଲ ! ଖାଇବୁ ତୋ ମନ ପସନ୍ଦର ଖାଦ୍ୟ ! - ଏତେ ଜଲ୍ଦି ବାଇଗଣ ଭର୍ତ୍ତା କରିଦେଲୁ ? - ହଁ ପରା ! ତୋତେ ଦେଖିକି ମୁଁ ଘରକୁ ଧାଇଁଛି ବାଇଗଣଟେ ପୋଡିବା ପାଇଁ । - ତୁ ମୋତେ ଏତେ ଭଲପାଉ କାହିଁ କହିଲୁ ? - ମୁଁ ଭଲପାଏ କାଇଁ ନାଇଁ ତ ? - ମୁଁ ଜାଣିଛି ହେଲା, ହଉ ଚାଲ ଏବେ ।

ମୀନା କୁନି ନାନୀକୁ ଖୁବ୍ ଭଲ ପାଏ । ଗାଁକୁ ଯେବେ ଆସେ ନିତି କୁନି ନାନୀ ସହ ବୁଲୁଥିବ । ତା ସହ କୁନି ନାନୀ ଗାଁର ସବୁ ପିଲାଙ୍କ ସାଙ୍ଗ ।

ଯୋଉଠି ଦେଖିବ ତାଙ୍କ ସହ ଚୋରପୁଲିସି, ଲୁଚକାଳି, ବୋହୁଚୋରି, କିତିକିତି, ବାଟି ଖେଳ ଇତ୍ୟାଦି ଖେଳୁଥିବ । ଏଇ ଖେଳିବା ସମୟରେ ତା ସାବତ ମା ଯେତେବଳେ ତା କାନ ମୋଡ଼ି କାମ କରେଇବାକୁ ନେଇ ଯାଏ ଯେ ସେହି ପିଲାମାନଙ୍କ ସହ ଆମ୍ବ ତୋଟାରେ ଖେଳୁଥିବା ଖେଳ ଗୁଡ଼ିକ ଅଧାରୁ ବନ୍ଦ ରୁହେ । ମୀନା ଆଉ ତା ସାଙ୍ଗମାନେ ତାଙ୍କ ପଛ ପଛେ ଯାଇ କୁନି ନାନୀକୁ ଝରକା ବାଟେ ଦେଖନ୍ତି କେତେବେଳେ ବାସନ ମାଜୁଥିବ ତ କେତେବେଳେ ତା ମା'ର ଫଟୋ ଦେଖି କାନ୍ଦି କାନ୍ଦି କ'ଣ କହି ଯାଉଥିବ । ମୀନା ଓ ତାର ସାଙ୍ଗ ମାନେ କୁହନ୍ତି - " ବୁଢ଼ୀର ଦୁଇଟା ଝିଅକୁ ଗୋଟିଏ ପୁଅ, ସମସ୍ତଙ୍କୁ ବେଶି ସ୍ନେହ ଦଉଛି ହେଲେ କୁନି ନାନୀକୁ ଭାରି ହଇରାଣ କରୁଛି, ବିଚାରି କୁନି ନାନୀ ।" ଛାଡ଼ ଚାଲ ଘରକୁ ଯିବା କହି ସବୁ ମନଦୁଃଖରେ ପଳେଇ ଆସନ୍ତି ।

ନିଛାଟିଆ ଖରା ବେଳ । କୁସୁମ ପୁର ଗାଁରେ ସବୁ ଆଡ଼େ ଶୁନଶାନ୍ । ମୀନା ଆଉ ତାର କିଛି ସାଙ୍ଗ କୁନି ନାନୀକୁ ଡାକି ଆମ୍ବ ତୋଟାରେ ଖେଳୁ

ଥାଆନ୍ତି । ମୀନା ଦେଖିଲା କୁନି ନାନୀ ଆଉ ଆଗ ଭଳି ପିଲାଙ୍କ ସହ ଖେଳୁ ନାହିଁ, ତା ବଦଳରେ ଗୋଟେ ଡାଏରୀ ଧରି କ'ଣ ଲେଖି ଚାଲିଛି । କୁନି ନାନୀ ଅଧାରୁ ପାଠ ଛାଡ଼ିଲେ କ'ଣ ହେବ, ସେ ପାଠ ବିଷୟରେ ଅନେକ କିଛି ଜାଣିଛି । ମୀନା କୁନି ନାନୀ ପାଖକୁ ଯାଇ ପଚାରିଲା - ଆରେ ତୁ ଖେଳୁନୁ କାହିଁ ? କ'ଣ ଲେଖି ଚାଲିଛୁ ? - କବିତା ! - ଆଚ୍ଛା, ମୋତେ ଗୋଟେ ଗାଇକି ଶୁଣା ନା ! -

" ମୁଁ ହଜିଯାଇଛି ମୁଁ ହଜିଯାଇଛି
ଆଜି ଏଇ ଦୁନିଆରେ
ମୁଁ ହଜିଯାଇଛି ମୁଁ ହଜିଯାଇଛି
ତୁମରି ପ୍ରେମ ବନ୍ଧନରେ ।"

- ଆଃ କି ସୁନ୍ଦର୍ ସ୍ୱର ତୋର ! ହେଲେ ତୁ କୋଉଠି ହଜିଛୁ ? ଏଇଠି ବା ବସିଛୁ । - ହୁଣ୍ଡି ଲୋ ତୁ କିଛି ବୁଝିପାରିବୁନି । ଚାଲିଲୁ ଘରକୁ ତେଣେ ତୋ ବୋଉ ବ୍ୟସ୍ତ ହେବେ ଯେ ।

ଯିବା ସମୟରେ ମୀନା ଦେଖିଲା ପାଖ ଗଛ ମୂଳେ ଆର ଗାଁର ରାଜା ନନା ଠିଆ ହେଇ କୁନି ନାନୀକୁ ଚାହୁଁଛି ତ କୁନି ନାନୀ ତାକୁ ଚାହିଁ ହସି ଦେଉଛି । - ଆରେ ଏ ରାଜା ନନା ଏଠି କ'ଣ କରୁଛି ?- ହଁ ମ ସେ ଜାଳ ପାଇଁ ଆସିଥିବେ । କହି ଦୁହେଁ ହସି ହସି ଚାଲି ଆସନ୍ତି ହେଲେ ରାଜା ନନା ଉପରେ ବିରକ୍ତ ହୁଏ କିନ୍ତୁ ମନ ଭିତରେ ଖୁସି ହୁଏ ।

କିଛି ଦିନ ପରେ ରଜ ଆସିଲା । ଗାଁ ଟା ସାରା ସବୁ ଲୋକ ଖୁସିରେ କୋଉଠି ତାସ ଖେଳୁ ଥାଆନ୍ତି ତ କୋଉଠି କିଏ କାହା ପାଟିରେ ରଜ ପାନ ଖୋଇଦେଉଥାଏ । ଆମ୍ବ ତୋଟାରେ ଝିଅ ମାନଙ୍କର ଦୋଳି ଲାଗିଥାଏ ସେଇଠି ମୀନା ଓ କୁନି ନାନୀ ଝୁଲୁ ଥାଆନ୍ତି । ଏହି ସମୟରେ ଜଣେ ଲୋକ ଧଇଁ ସଇଁ ହୋଇ ଆସି କୁହେ - କୁନି ଆରେ କୁନି, ଜଲ୍ଦି ଘରକୁ ଯା ତୋ ବାପା ଏତିକି ଶୁଣିଲା ମାତ୍ରେ କୁନି ନାନୀ ତାର ଘରକୁ ଧାଇଁଛି । ଘରକୁ ଯାଇ ଦେଖିଲା ତା ବାପାଙ୍କ ଅବସ୍ଥା ବହୁତ୍ ଖରାପ୍ ! ପାଖରେ ବନ୍ଧୁ ପରିଜନ ସମସ୍ତେ ଘେରି ବସିଛନ୍ତି ।

ତା ବାପା ତାକୁ ପାଖରେ ଦେଖି ଆଖି ବୁଜିଲେ । ତା ବାପା ମଲା ପରେ ତା ସାବତ ମା'ର ତା ଉପରେ ହୋଇଯାଏ ଅକଥନୀୟ ଅତ୍ୟାଚାର । ଦିନସାରା କାନ୍ଦି କାନ୍ଦି ଘରେ ପଡ଼ିଥାଏ ସେ । ମନେ ମନେ ଭାବେ - "କି ପାପ କରିଥିଲି କେଜାଣି ? ଗୋଟେ ଦୁହିତା ରୂପେ ଜନ୍ମ ହେଲି, ଟିକିଏ ସୁଖ ମୋ ଭାଗ୍ୟରେ ନାହିଁ । ହେ ଭଗବାନ କ'ଣ ଆପଣ ଚାହୁଁଛନ୍ତି ? ମୁଁ ସାରା ଜୀବନ ଏହିପରି କଷ୍ଟ ପାଏ ? ବଞ୍ଚି ଥାଉ ଥାଉ ମରିଯିବା ଭଲ ।"

ମୀନା ଏପଟେ କୁନି ନାନୀକୁ ଖୋଜି ଖୋଜି ଯାଇ ଆମ୍ବ ତୋଟାରେ ଦୁଇ ପୁଅ ଝିଅଙ୍କ ଶବ୍ଦ ଆସୁଥିବା ଦିଗକୁ ଗଲା । ସେଠି ଆଉ କେହି ନଥିଲେ, ଥିଲେ କୁନି ନାନୀ ଆଉ ରାଜା ନନା । କୁନି ନାନୀ ଗୋଟେ ବଟଲରେ କ'ଣ ଧରି ପିଇଯିବାକୁ ବସିଥିବା ବେଳେ ରାଜା ନନା ତା ହାତରୁ ଛଡେଇ ଆଣି ପିଙ୍ଗିଦେଲେ । କୁନି ନାନୀ କାନ୍ଦୁଥାଏ । ମୀନାକୁ ଦେଖି ଦୁହେଁ ଚମକି ପଡନ୍ତି । ରାଜା ନନା କୁହନ୍ତି - ମୀନା ତୁ ? ତୁ ଏଠିକି କାହିଁକି ଆସିଲୁ ? - ତୁମେ ଦୁହେଁ ଏଠି କ'ଣ କରୁଛ ନନା ?

ମୋ ନାନୀ କାହିଁ କାନ୍ଦୁଛି ? କେହି କିଛି କୁହନ୍ତି ନାହିଁ, ମୀନାକୁ ଛାଡ଼ି ଚାଲି ଯାଆନ୍ତି । ମୀନାର ଖରା ଛୁଟି ସରି ଆସୁଥିଲା । ଦଶମ ଶ୍ରେଣୀ ହେବାରୁ ସେ ଆଉ ଗାଁକୁ ଆସିବ ନାହିଁ ବୋଲି କୁନି ନାନୀକୁ କହିବାକୁ ଯାଇଥିଲା । ହେଲେ ତାକୁ ନ ପାଇ ନିରାଶ ହୋଇ ଫେରି ଆସିଲା ।

ବିତିଯାଇଛି କେତେଟା ବର୍ଷ । ମୀନା ତା ଭିତରେ ଡାକ୍ତର ହେଇସାରିଛି । ହେଲେ ସେ ଭୁଲିନି କୁନି ନାନୀକୁ । ସେ ଶୁଣି ଥିଲା କୁନି ନାନୀ କୁଆଡେ ବାହା ହେଇଯାଇଛି । ଯା ହେଉ ଏବେ ଖୁସିରେ ତ ଥିବ । ବହୁତ୍ ଦିନ ହେଲା ଗାଁକୁ ଯାଇ ନାହିଁ ପାଠପଢ଼ା ବ୍ୟସ୍ତତାରେ, ଏଥର ନିଶ୍ଚୟ ଯିବ । ଆଉ କୁନି ନାନୀକୁ ଦେଖା କରିବ । ମୀନା ତ ଗାଁ କୁସୁମ ପୁରକୁ ଆସିଲା । ସେ ଆଗରୁ ଯେବେ ଆସୁଥିଲା କେତେ ସ୍ନେହରେ ସେ ସ୍ୱର ଟି ଶୁଣୁଥିଲା - "ମୀନା ତୁ ଆସିଲୁ ନା" ? ହେଲେ ଆଜି କୁଆଡେ ଗଲା ସେଇ ସ୍ୱର, କୁନି ନାନୀ ତା ଶାଶୁଘରେ ହିଁ ଥିବ । ଏମିତି ଭାବୁ ଭାବୁ ଶୁଣିଲା - "ମୀନା ! ଏତେ ଦିନ ପରେ !

ମୋତେ ଚିହ୍ନି ପାରୁନୁ ? ଏତେ ପର ହେଇଗଲି ନା ମୁଁ ତୋର ? ମୀନା ପଛ ଆଡ଼କୁ ବୁଲି ଚାହିଁ ଦେଖିଲା " ଏ କ'ଣ କୁନି ନାନୀ ? ନାଲି ରଙ୍ଗକୁ ଭଲ ପାଉଥିବା କୁନିନାନୀ ଆଜି ଏ ଧଳା ରଙ୍ଗର ଶାଢ଼ୀରେ ? ତା ମାନେ କୁନି ନାନୀ ? କିଛି ବୁଝି ବାକୁ ବାକି ରହିଲାନି ତାର ! କୁନି ନାନୀ ତୁ... ! ହଁ ମୁଁ, ମୁଁ ବିଧବା କହି କାନ୍ଦି କାନ୍ଦି ଆସି ମୀନାକୁ କୁଣ୍ଢେଇ ଧରିଲା ।

ଏହାପରେ କୁନି ନାନୀ ଆରମ୍ଭ କରେ ତାର ବର୍ଷ କେତେଟାରେ ଘଟି ଯାଇଥିବା କାହାଣୀ ....! ତୁ ଗଲା ପରେ, ମୋର ବିବାହ ଠିକ୍ ହୋଇସାରିଥିଲା । ହେଲେ ମୁଁ ସେଥିରେ ରାଜି ନଥିଲି ଲୋ କାରଣ ମୁଁ ଭଲ ପାଉଥିଲି ତୋ ରାଜା ନନାକୁ ! ହେଲେ ମୋ ସାବତ ମା ବାଧ କରି ମୋତେ ବାହା କରେଇ ଦେଲା ସେଇ ମଦ୍ୟପ ଲୋକ ସହ, ଯିଏ ସାରା ଦିନରାତି ନିଶାରେ ମାତି ଥିଲା ।ତା ସହ ମୋ ଉପରେ ଅନେକ ନିର୍ଯାତନା, ତାର ପ୍ରଥମ ସ୍ତ୍ରୀ ମୃତ୍ୟୁ ପରେ ତିନି ତିନି ଟା ଛୁଆଙ୍କ ବୋଝ ମୋ ଉପରେ ଲଦି ଦେଇଥିଲା । ଟଙ୍କା ପଇସା ଯାହା ରୋଜଗାର କଲା

ସବୁ ନିଶା ପାଣିରେ ଯାଉ ଥିଲା । ଏମିତି ଦିନେ ନିଶାରେ ରାସ୍ତାରେ ଯାଉଥିବା ସମୟରେ ଦୁର୍ଘଟଣାରେ ଚାଲିଗଲା । ଏହା ପରେ ମୋତେ ଶାଶୁ ଘରେ ଅନେକ ଯନ୍ତ୍ରଣା ଦେଲେ, ଅଲକ୍ଷଣି ଆମ ପୁଅ ଟାକୁ ଖାଇଲୁ କହି ଯା ବାହାରି ଯା କହି ଘରୁ ବାହାର କରିଦିଅନ୍ତି । ସାବତ ମା ପାଖକୁ ଆସିଲେ ମଧ୍ଧ ବାହାର କରିଦେଲେ । ଏମିତି ତୋ ରାଜା ନନା ମଧ୍ଧ ବିବାହ କରି ସୁଖରେ ସଂସାର କରି ସାରିଥିଲା । ମୁଁ ଚାହୁଁ ନଥିଲି ତା ଭିତରେ ମୁଁ ଝଡ଼ ହୋଇ ପ୍ରବେଶ କରେ । କିଛି ବାଟ ନ ପାଇ କାନ୍ଦୁ ଥିବା ବେଳେ ଗାଁ ଲୋକ ମୋତେ ସହାୟତାର ହାତ ବଢାନ୍ତି । ଚାନ୍ଦା କରି ମୋ ପାଇଁ ଘର ଟିଏ ବନେଇ ଦିଅନ୍ତି । କିଛି ଦିନ ମାଗି ଯାଚି ଖାଇଛି । ଯା ପରେ ନିଜ ଗୋଡ଼ରେ ଠିଆ ହେବାକୁ ଚାହିଁଲି । ନିଜ ଘରେ ବସି ସିଲେଇ କାମ ସହ ଅନ୍ୟ ଝିଅଙ୍କୁ ବି ଶିଖେଇ ଯାହା ରୋଜଗାର ସେଥିରେ ମୁଁ ଚଳି ଆସୁଛି । ଏବେ ଆଉ କ'ଣ କହିବି ତୋତେ ? ମୁଁ ଦୁହିତା ଦୁଇ କୁଳକୁ ହିତା ନୁହେଁ ମୁଁ ଦୁଇ କୁଳକୁ ପିତା ହୋଇଗଲି ଲୋ !

କହି କୁନି ନାନୀ ଚାଲି ଯାଏ ମୀନାଠୁ ଦୂରକୁ ......!

ମୀନା ଭାବେ ଏତେ ସବୁ ହୋଇ ଯାଇଛି ହେଲେ ମୋତେ ସବୁ ଲୁଚେଇ ରଖିଛନ୍ତି କାହିଁକି ? ସେ ତାର ଖୁଡିକୁ ପଚାରିବାରୁ କହିଲେ "ତୁମ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେବ ସେଥିପାଇଁ । ହେଲେ ମୀନା ତମେ ଜାଣିଛ କୁନି ବହୁତ୍ ସୁନ୍ଦର ଡ୍ରେସ ତିଆରି କରୁଛି । ଏଇ ଦେଖୁନ ସିନା (ମୀନାର ସାନ ଭଉଣୀ) ପାଇଁ କେତେ ସୁନ୍ଦର ଡ୍ରେସ ବନେଇ ଦେଇଛି ।" ସତରେ ଖୁଡ଼ି ବହୁତ୍ ସୁନ୍ଦର୍ ହୋଇଛି । ମୀନା ଭାବିଲା କୁନି ନାନୀ ଅସହାୟ ହେଲେ କ'ଣ ହେବ, ତାର ଏଇ ସିଲେଇ କାମ ପାଇଁ ବି ଅନେକ କିଛି କରି ପାରିବ । ମୀନା ତାକୁ ସହରକୁ ନେଇ ଯିବା ପାଇଁ ବାଧ କରେ । ଶେଷରେ କୁନି ନାନୀ ରାଜି ହୋଇ ମୀନା ସହ ଯାଏ । ମୀନା କୁନି ନାନୀକୁ ନିଜ ପାଖରେ ରଖେ । କୁନି ନାନୀ ମଧ୍ୟ ସେଠାରେ ଅନେକ ଲୋକଙ୍କ ସହ ମିଶି ବିଭିନ୍ନ ସୁନ୍ଦର୍ ସୁନ୍ଦର୍ ପୋଷାକ ବନାଏ । ଏହା ଭିତରେ କୁନି ନାନୀ ରାଜ୍ୟରେ ନିଜ ପୋଷାକ ତିଆରି ପାଇଁ ପ୍ରସିଦ୍ଧି

ଲାଭ କରିଛି ଓ ନିଜର ଏକ ବ୍ୟବସାୟ ଆରମ୍ଭ କରିଛି ଏବଂ ତା ଭଳି ଅନେକ ନିରୀହ ଅସହାୟ ମହିଳା ମାନଙ୍କୁ ତାଲିମ ଦେଉଛି । ମୀନା କୁନି ନାନୀ ଜୀବନରେ ଏତେ ଉନ୍ନତି ଓ ସେଇ ମହିଳା ମାନଙ୍କୁ ଦେଖି ଭାବିଛି -" କେଜାଣି କେଉଁ ମାଟିରେ ତିଆରି ହୋଇଛନ୍ତି ଏହି ନାରୀ ମାନେ, ହସି ହସି ଯିଏ ଭୁଲି ଯାଆନ୍ତି ନିଜର ସବୁ ଦୁଃଖ ଯାତନା ।"

କୁନି ନାନୀ ତା ହାତ ତିଆରି ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ଆଣି ମୀନା ମଥାରେ ଦେଇ କୁହେ - " କେତେ ସୁନ୍ଦର ଦିଶୁଛି ମୋ ମୀନା ! ତୁ ନଥିଲେ କ'ଣ ମୁଁ ଏତେ ଆଗକୁ ଯାଇପାରି ଥାଆନ୍ତି ? ତୋ ଋଣ ମୁଁ କେବେ ସୁଝିପାରିବି ନାହିଁ ଲୋ ମୀନା ।" ମୀନା କୁହେ - "ଓଃ ! ନାନୀ ଏବେ ତୁ କହ ତ ତୁ ଦୁଇ କୁଳକୁ ହିତା ବୋଲି" "ଆମେ ଦୁହିତା ଦୁଇ କୁଳକୁ ହିତା, ଆଉ ଆମେ ଦୁହିତା ମୀନା ଆଉ କୁନି ଅପାଙ୍କ ପାଇଁ ହିତା " ଏକା ସାଙ୍ଗରେ କହି ଉଠନ୍ତି ସମସ୍ତ ନାରୀ ମାନେ । ବହୁତ୍ ଦିନ ହେବ କୁନି ନାନୀ ମୁଁ ମୁଁହରେ ଲିଭି ଯାଇଥିବା ହସଟି ପୁଣି ଫୁଟି ଉଠେ ।

*****

ଜଗନ୍ନାଥପୁର, କଟକ

# ଡାକ୍ତରଙ୍କ ହସ୍ତାକ୍ଷର

ରୋଜା ପଣ୍ଡା

(କାନ୍ଥକୁ ଧରି ଧରି ଉଣ୍ଡାଳି ଉଣ୍ଡାଳି ଛଅ କି ସାତ ବର୍ଷର ଛୋଟିଆ ଝିଅ ରିଙ୍କି କାନ୍ଦି କାନ୍ଦି ତା ମାଆ ପାଖକୁ ଆସିଲା )। ମାଆ ପଚାରିଲେ, ଆରେ ମା ତୋର କ'ଣ ହେଲା ? କାନ୍ଦୁଛୁ କାହିଁକି ? ରିଙ୍କି ଆହୁରି ଜୋରରେ କାନ୍ଦିବାକୁ ଲାଗିଲା ଏବଂ ନିଜ ଆଖିକୁ ଇଙ୍ଗିତ କରି କହିଲା, ମାଆ ମତେ କିଛି ଦେଖା ଯାଉନି । ସବୁ ଅନ୍ଧାର ଦେଖାଯାଉଛି । ଏତିକି କହୁ କହୁ ହଠାତ ମୁହଁ ମାଡ଼ିହେଇ ତଳେ ପଡିଗଲା । ରିଙ୍କିର ମାଆ ଏସବୁ ଦେଖି ଭୀଷଣ ଦୁଃଖ ପ୍ରକାଶ କଲେ । ତାଙ୍କ ଝିଅର କ'ଣ ହେଲା ? ରିଙ୍କିକୁ କ'ଣ ସତରେ କିଛି ଦେଖାଯାଉନି ? ସେ କ'ଣ ତା'ର ଦୃଷ୍ଟିଶକ୍ତି ହରାଇବସିଛି । ଏଇ ପାଖ ଗାଁର ଝିଅ ରିଙ୍କି । ଗାଁ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢେ ।

ତଳେ ତାର ଆଖିରେ ଗୋଟେ ଆଲୁଅ ଉଠିଥିଲା । ସେଥିପାଇଁ ତାକୁ ବୋହୁତ କଷ୍ଟ ହେଉଥିଲା । ରିଙ୍କିର ବାପା ତାକୁ ପାଖ ଡାକ୍ତରଖାନାକୁ ନେଇଗଲେ । ଡ଼ାକ୍ତରବାବୁ କିଛି ଔଷଧ ଆଉ ଗୋଟେ ଆଖି ଡ୍ରପ୍ ଦେଇ କହିଲେ, ଏହି ଡ୍ରପକୁ ଆଖିରେ ପକେଇଲେ ଆଉ ଔଷଧ ଖାଇଲେ ଦୁଇଦିନ ଭିତରେ ଆଖି ଭଲ ହେଇଯିବ । କିନ୍ତୁ ଏ କ'ଣ ଆଖି ଭଲହେବା ପରିବର୍ତ୍ତେ ରିଙ୍କି ଆଜି ଅନ୍ଧ । ରିଙ୍କିର ବାପା ସଙ୍ଗେ ସଙ୍ଗେ ରିଙ୍କିକୁ ବଡ ଡାକ୍ତରଖାନା ନେଇ ଚିକିତ୍ସା କଲେ । ସେଠାରେ ବଡ ବଡ଼ ଡାକ୍ତରମାନଙ୍କୁ ରିଙ୍କିର ପୂର୍ବ ଔଷଧ ଲେଖା କାଗଜ ବା ଚିଠା ଦେଖାଇଲେ । ସେଇ ଔଷଧ ଚିଠାରେ ତ ପୁରାପୁରି ଠିକ୍ ଔଷଧ ଲେଖା ଯାଇଛି । ହେଲେ ରିଙ୍କିର ଆଖି ନଷ୍ଟ ହେଲା କିପରି ? ଡାକ୍ତରମାନେ ଆଶ୍ଚର୍ଯ୍ୟ ହେଇ କିଛି ସମୟ ପରୀକ୍ଷା ନିରୀକ୍ଷା କଲେ । ଶେଷରେ ରିଙ୍କିର ମାଆ ରିଙ୍କି ବ୍ୟବହାର କରିଥିବା ଔଷଧ ସବୁ ଆଣି ଡାକ୍ତରଙ୍କୁ ଦେଖାଇଲା । ଡାକ୍ତରମାନେ ସେଇ ଔଷଧ ଦେଖି ଜାଣିବାକୁ ପାଇଲେ ଯେ ଭୁଲ୍ ଔଷଧର ବ୍ୟବହାରରେ ରିଙ୍କିର ପରିସ୍ଥିତି ଏହିଭଳି ।

ଶେଷରେ ବହୁ ତର୍ଜମା ପରେ ଜଣାପଡିଲା ଯେ ଔଷଧ ଦୋକାନୀ ଉକ୍ତ ଔଷଧ ଚିଠାଟିକୁ ଠିକରେ ପଢ଼ିପାରିନଥିଲେ । ଔଷଧ ଚିଠାଟି ଏପରି ଅସ୍ପଷ୍ଟ ଭାବରେ ଲେଖା ଥିଲା ଯେ ତାହା ଅନ୍ୟ ଏକ ଔଷଧ ଭାବେ ରୂପାନ୍ତରିତ ହେଉଥିଲା । ସେ ଯାହାବି ହେଉ ଟିକିଏ ଅସାବଧାନତା ପାଇଁ ଗୋଟେ କୁନି ଝିଅର ଭବିଷ୍ୟତ ଅନ୍ଧାର । ଏହି ପରିସ୍ଥିତି ପାଇଁ ଦାୟୀ କିଏ ? ଏହି ପରିସ୍ଥିତି ପାଇଁ ଦାୟୀ କେବଳ ଅସ୍ପଷ୍ଟ ହସ୍ତାକ୍ଷର । ୨୦୧୭ରେ ଏକ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ରିପୋର୍ଟ ଅନୁସାରେ ଡାକ୍ତରଙ୍କ ଖରାପ ଅକ୍ଷର ଯୋଗୁଁ ଆମ ଦେଶରେ ବର୍ଷକୁ ପ୍ରାୟ ୭୦୦୦ ପାଖାପାଖି ମୃତ୍ୟୁ ଘଟିଥାଏ । ବ୍ରିଟେନରେ ଏଭଳି ମୃତ୍ୟୁ ସଂଖ୍ୟା ବର୍ଷକୁ ପ୍ରାୟ ୩୦,୦୦୦ ହୋଇଥିବା ବେଳେ ଆମେରିକାରେ ଏହି ସଂଖ୍ୟା ପ୍ରାୟ ୧,୦୦,୦୦୦ ଛୁଇଁଥାଏ ବୋଲି ପ୍ରକାଶ ପାଇଛି । ପ୍ରେସକ୍ରିପ୍ସନରେ ଡାକ୍ତରମାନଙ୍କର ଅବୋଧ ହସ୍ତାକ୍ଷରକୁ ନେଇ ବୋହୁତ ହାସ୍ୟରସ କଥା ଶୁଣିବାକୁ ମିଳୁଛି । ସାଧାରଣତଃ ବିଦ୍ୟାଳୟରେ ପ୍ରାଥମିକ ଶ୍ରେଣୀରେ ହସ୍ତାକ୍ଷର ଖରାପ ହେଲେ ଶିକ୍ଷକମାନେ ଦଣ୍ଡ

ଦେବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଡାକ୍ତର ହେବୁ କହି ବ୍ୟଙ୍ଗ କରୁଥିଲେ । ଡାକ୍ତରମାନଙ୍କର ଏପରି ଖାମଖିଆଲି ହସ୍ତାକ୍ଷର ଓ ତାହାର ଭ୍ରମାତ୍ମକ ତର୍ଜମାର ପରିଣତି କିପରି ହୃଦୟ ବିଦାରକ ହୋଇପାରେ, ତାର ଏକ ନିଷ୍ଠୁର ଉଦାହରଣ ହେଉଛି "ରିଙ୍କି" । ଡାକ୍ତରମାନଙ୍କର ଖାରାପ ଅକ୍ଷର ପାଇଁ ଏମିତି ବୋହୁତ ଅଘଟଣ ଘଟୁଛି । ପ୍ରାୟ ଅଧିକାଂଶ ଡାକ୍ତରମାନଙ୍କର ଖରାପ ହସ୍ତାକ୍ଷର ଦେଖିଲେ ମନେହୁଏ ଯେ, କେବଳ ଖରାପ ଅକ୍ଷର ଲେଖୁଥିବା ଛାତ୍ରମାନେ ହିଁ ଡାକ୍ତରୀ ପଢ଼ିଥାନ୍ତି । ମୁଁ ଭାବୁଛି ଡାକ୍ତରୀ ପଢ଼ିବା ପାଇଁ ପ୍ରାର୍ଥୀ ଚୟନ କରିବାକୁ ହେଉଥିବା ପରୀକ୍ଷାରେ ସେମାନଙ୍କର ହସ୍ତାକ୍ଷର ପରୀକ୍ଷା କରାଯିବା ଏବଂ ସେଥିପାଇଁ ଏକ ସର୍ବନିମ୍ନ ଯୋଗ୍ୟତା ପ୍ରଦାନକାରୀ ମାର୍କ ରଖିବାକୁ ବାଧ୍ୟତାମୂଳକ କରାଯିବା ଉଚିତ ।

*****

ପୂର୍ଣ୍ଣାନନ୍ଦ ଭବନ,
ନେତାଜୀ ନଗର,
ମଧୁପାଟଣା, କଟକ




**ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା**

# ଭାଗ୍ୟର ଖେଳ

ତପସ୍ୱିନୀ ଦାଶ ଷଡଙ୍ଗୀ

କଇଁ କଇଁ ହୋଇ କାନ୍ଦି ଭଗବାନଙ୍କ ଆଗରେ ଅଭିଯୋଗ ମିଶା ଗୁହାରି କରୁଥିଲା ମାଧୁରୀ, ହେ ପ୍ରଭୁ ଗରିବ ହେବାଟା କ'ଣ ଏଡେ ବଡ଼ ପାପ ? ଏ ଦୁନିଆଁରେ କ'ଣ ଗରିବ ବୋଲି ଆମର ଅସ୍ତିତ୍ୱ ନାହିଁ ? ମୁଁ ଉଚ୍ଚ ଶିକ୍ଷିତା ହୋଇ ବି ଆଜି ମୋ ପାଇଁ ସୁଯୋଗ୍ୟ ବର ପାତ୍ରଟିଏ ମିଳୁନାହିଁ କାହିଁକି ନା ମୋ ବାପା ଯୌତୁକ ଦେବା ପାଇଁ ଅକ୍ଷମ । ଯେ ଆସୁଛି ମୋତେ ନ ଦେଖି ଆଗ ପ୍ରଶ୍ନ କରୁଛି ଯୌତୁକରେ କେତେ ଭରି ସୁନା ଆଉ ଟଙ୍କା ଦେବେ ? ଛିଃ ! ଏ ଦୁନିଆଁକୁ ଯୌତୁକ ରାକ୍ଷସ ଗ୍ରାସ କରି ଦେଲାଣି ଆରେ ମା ଏ ଯୌତୁକ ପ୍ରଥା ତ କେଉଁ ଅନାଦି କାଳରୁ ରହି ଆସିଛି । ଆମ ବେଳେ ସାଇକେଲ ହାତଘଣ୍ଟା ଥିଲା ଆଉ ଏବେ କାର୍, ଜମି ଆଉ ଘର ଯୌତୁକରେ ଦେଉଛନ୍ତି ।

ପୁଅ ଯେତେ ବଡ଼ ଚାକିରୀ କରୁଛି ସେ ଅନୁସାରେ ଡିମାଣ୍ଡ ବି ବଢୁଛି । ଆମେ ସିନା ମଳି ମୁଣ୍ଡିଆ ବୋଲି ଆମକୁ ହାକ୍ରାସିଆ ଲାଗୁଛି । ତୁ ଜଲଦି ଶାଢୀ ଖଣ୍ଡକ ପାଲଟି ଦେ । ପୁଅଘର ଲୋକେ ଏବେ ଆସି ଯିବେ, ଏତିକି କହି ମାଧୁରୀର । ମୁଣ୍ଡକୁ ଆଉଁସି ଦେଲେ ସୁକାନ୍ତି ମାନେ ମାଧୁରୀର ବୋଉ । ଶୁଣୁ ବୋଉ ଏଇ ଛୋଟ ଚିନ୍ତାଧାରାର ଲୋକ ମାନଙ୍କୁ ମୁଁ ଘୃଣା କରେ । ବାପା କେତେ କଷ୍ଟ କରି ଏ ଘର ଚଳାଉଛନ୍ତି । ଆମ ଦୁଇ ଭଉଣୀଙ୍କୁ ପାଠ ପଢାଇଲେ । ସାଧାରଣ କିରାଣୀ ଚାକିରି । କେତେ କେଉଁଠୁ ବା ଆଣିବେ । ମୁଁ ଆଉ ଏ ସଜବାଜ ହୋଇ କାହା ଆଗରେ ଠିଆ ହୋଇ ପାରିବିନି । ମୋର ବି କିଛି ସ୍ୱାଭିମାନ ଅଛି । ସବୁଥର ପରି ସମସ୍ତେ ହଁ ମାରିବେ ଆଉ ପରେ ସେଇ ଦିଆ ନିଆ କଥାରେ ବାହାଘର ଭାଙ୍ଗିଯିବ । ମୁଁ କେଉଁ ଦୋକାନର ବିକା ହେଉଥିବା ଜିନିଷ ନୁହେଁ ।ମୋତେ ଗ୍ରାହକ ମାନେ ଦେଖୁଥିବେ ଆଉ ମୁଲଚାଲ କରି ଚାଲି ଯାଉଥିବେ ।କ୍ଷୋଭର ସହ କହିଲା ମାଧୁରୀ । ବାହାରେ କାରର ହର୍ଣ୍ଣ ଶୁଣି ବିଦ୍ୟାଧର ବାବୁ ଡାକ ଛାଡିଲେ, ହେଇଟି ସୁକାନ୍ତି, ତ୍ରିପାଠୀ

ବାବୁ ଆସି ଗଲେଣି ସେ ପୁଅ ବାଲାଙ୍କୁ ନେଇ । ସବୁ ରେଡି ତ ? ଆସୁଛି ଆସୁଛି ତୁମେ ଆଉ ଏତେ ବଡ଼ ପାଟିରେ ଚିଲ୍ଲାଅନି ହେଲା । ମୁଣ୍ଡରେ ଓଢ଼ଣା ଦେଇ ପାଖକୁ ଦୌଡି ଆସି କହିଲେ ସୁକାନ୍ତି । ଆସନ୍ତୁ ଆଜ୍ଞା, ଭିତରକୁ ଆସନ୍ତୁ ଆପଣ ମାନେ ବସନ୍ତୁ କହି ଚେୟାର୍ ଦୁଇ ତିନୋଟି ଦେଇ କହିଲେ ବିଦ୍ୟାଧର ବାବୁ । ବହୁତ ସମୟ ଧରି କଥା ହେବା ପରେ । ସର୍ମିଷ୍ଠା ଦେବୀ ମାନେ ପୁଅର ମା' କହିଲେ ଝିଅକୁ ଡାକନ୍ତୁ । ଆରେ ସୁକାନ୍ତି ନେଇ ଆସ ଆମ ମାଧୁରୀକୁ । ବିଦ୍ୟାଧର କହିଲେ । ହଁ ହଁ ଯାଉଛି ନେଇ ଆସୁଛି ତାକୁ କହି ଧଡ଼ପଡ଼ ହୋଇ ଭିତରକୁ ଗଲେ ଆଉ ମାଧୁରୀକୁ କହିଲେ ଚାଲେ ମା' ସେପଟେ ସେମାନେ ବ୍ୟସ୍ତ ହେଲେଣି ତୋତେ ଦେଖିବାକୁ । ହେଲେ ବୋଉ ଶୁଣୁ ମୁଁ ଯିବି ହେଲେ ଗୋଟେ ସର୍ତ୍ତରେ ଯଦି ପୁଣି ସେ ଯୌତୁକକୁ ନେଇ ଟଣା ଓଟରା ଚାଲେ ମୁଁ କହି ଦେଉଛି ଆଉ କେବେ ହେଲେ ମୋ ବାହାଘରର ନାଁ ଧରିବନି ତୁମେ କେହି । ଏ ସମାଜରେ କ'ଣ ଗୋଟେ ଝିଅର ପରିବାର ଉପରେ ଏ ପ୍ରକାର ଜୁଲମ ଚାଲିଥିବ । ହଉ ହେଲା ହେଲା ତୁ ଚାଲିଲୁ ଆଗ । ଏ

ଝିଅକୁ ସତରେ ପାରି ହେବନି । ଭିଡିମୋଡି ହୋଇ ବାହାରିଲା ମାଧୁରୀ ସୁକାନ୍ତିଙ୍କ ସହ । ସମସ୍ତଙ୍କୁ ପ୍ରଣାମ କଲା । ସର୍ମିଷ୍ଠା ଦେବୀ କହିଲେ ଆରେ ଝିଅ ମୋ ପାଖରେ ବସ । ଏତିକି କହି ମାଧୁରୀକୁ ପାଖରେ ବସାଇଦେଲେ । ପଚାରି ଚାଲିଲେ ଅନେକ ପ୍ରଶ୍ନ ଏଇ ଯେମିତି ରୋଷେଇ ଆସେ କି ନାହିଁ ? ସିଲେଇ ଜାଣିଛୁ ? ପର୍ବ ପର୍ବାଣୀରେ ପିଠା ପଣା ଜାଣିଛୁ କି ନାହିଁ ? ମାଧୁରୀ ମନେ ମନେ ଭାବୁଥାଏ ମୁଁ କ'ଣ ତାଙ୍କ ଘରକୁ କାମବାଲି ହୋଇକି ଯିବି ନା କ'ଣ ? ଆଉ ମାଧୁରୀ ବି ଉଚ୍ଚ ଶିକ୍ଷିତା, ସେ ଡାକ୍ତରୀ ପଢିଛି । ପାଠ ପଢାରେ ତା ସମୟ ଯାଇଛି । ତା ବୋଉ ବି ତାକୁ ପାଠ ପଢାରେ ମନ ଦେବାକୁ ସବୁ ବେଳେ କହିଛନ୍ତି । ମୁଣ୍ଡରେ ଷଡି ଲୋନର ବୋଝ । ଅନେକ ଜାଗାରେ ଚାକିରୀ ପାଇଁ ବି ସେ ପକାଇଛି । ଏ ସବୁ ଭିତରେ ବାପାଙ୍କର ପୁଣି ଏ ପ୍ରକାର ଚିନ୍ତା, କେମିତି ଅବସର ପୂର୍ବରୁ ଝିଅକୁ ବାହା କରିବେ ପଛକୁ ଆଉ ସାନ ଭଉଣୀ ବି ଅଛି । ଏମିତି ଭାବି ଚାଲିଥାଏ । ପରିତୋଶ୍ ବାବୁ ମାନେ ପୁଅର ବାପା କହିଲେ କିଛି ସମୟ ପାଇଁ ପୁଅ ଝିଅ ଦୁହେଁ କିଛି ସମୟ

କଥା ହୁଅନ୍ତୁ, ତା'ପରେ ନିଷ୍ପତି ନେବା । ଏତିକି କଥା ସରୁ ସରୁ ବିଦ୍ୟାଧର ବାବୁ ସୁକାନ୍ତିଙ୍କୁ କହିଲେ ହେଇଟି ପିଲା ଦୁହିଁଙ୍କୁ ଏକା ଛାଡି ଦିଅ ଚାଲ ଆମେ ଆର ପଟ ରୁମରେ ଗପିବା । ସମସ୍ତେ ଚାଲିଗଲେ । ଏବେ ମାଧୁରୀ ଆଉ ବିପ୍ଳବ ଦୁହେଁ ଏକା ବସି ଥାଆନ୍ତି । କ'ଣ ବା କଥା ହେବେ । ମାଧୁରୀ ପାଇଁ ଏ କିଛି ନୂଆ ନୁହେଁ । ତଥାପି ଥଙ୍ଗମଙ୍ଗ ହୋଇ ବିପ୍ଳବ କହିଲା, ତୁମେ ମୋର ପସନ୍ଦ ହେଇଛ, କିଛି ଯଦି ପଚାରିବାର ଅଛି ପଚାର ମୋତେ । ନାଇଁ ମୁଁ କ'ଣ ବା କହିବି ? ମୋ ବାପା ବୋଉଙ୍କ ସମ୍ମତିରେ ମୋର ସମ୍ମତି । ହେଲେ ଗୋଟେ କଥା କହି ରଖୁଛି । ମୁଁ ଯୌତୁକକୁ ଭାରି ଘୃଣା କରେ । ତୁମର ଯଦି କ୍ଷମତା ଅଛି ବିନା ଯୌତୁକରେ ବାହା ହେବା ପାଇଁ ତାହା ହେଲେ ମୁଁ ରାଜି । ବିପ୍ଳବ କ'ଣ କହିବ ନ କହିବ ଜାଣି ପାରୁ ନଥିଲା । କାହିଁକି ନା ସେ ଠିକ୍ ଭାବେ ଜାଣିଛି ତା ବାପା ମା'ଙ୍କ କଥା । ସେମାନେ ଉଚ୍ଚ ଶିକ୍ଷିତ ଆଉ ସମ୍ଭ୍ରାନ୍ତ ଶ୍ରେଣୀର ହେଲେ ବି ଯୌତୁକ ପାଇଁ ସେମାନେ ବହୁତ ଲୋଭୀ । ଗୋଟିଏ ବୋଲି ପୁଅ ବିପ୍ଳବ ଆଉ ବିଦେଶରେ ଡାକ୍ତର ।

ତା' ଯୋଗ୍ୟତାକୁ ତଉଲିଲେ କିଛି ନହେଲେ ବି ପାଞ୍ଚ କି ଛଅ ଲକ୍ଷ ଟଙ୍କା ମିଳିବ । ବିପ୍ଳବ କିନ୍ତୁ ଯୌତୁକକୁ ପ୍ରବଳ ବିରୋଧ କରେ । ତଥାପି ସେ ମାଧୁରୀକୁ କହିଲା ଶୁଣ ମାଧୁରୀ ତୁମେ ମୋ ମନ ଏଇ ପ୍ରଥମ ପରିଚୟରେ କିଣିନେଲ ତଥାପି ମୁଁ ମୋ ଘର ଲୋକଙ୍କ ସହିତ କଥା ହେବି । ଏମିତି କଥା ବାର୍ତ୍ତା ହେଉ ହେଉ ଉଭୟଙ୍କ ବାପା ଆଉ ମା' ଆସି ପହଞ୍ଚି ଗଲେ । ବିପ୍ଳବ ବି ସମ୍ମତି ଦେଇ ଦେଲା ଆଉ ମାଧୁରୀ ବି ମୌନେ ସମ୍ମତି ଲକ୍ଷଣ ପରି ହଁ ଭରିଲା ଆଉ ଭିତରକୁ ଚାଲିଗଲା । ତ୍ରିପାଠୀ ବାବୁ ମାନେ ମଧ୍ୟସ୍ଥି କହିଲେ ଏବେ ତ ପୁଅ ଝିଅ ରାଜି ଆଗକୁ କଥା ବଢାନ୍ତୁ ବିଦ୍ୟାଧର ବାବୁ । ବିଦ୍ୟାଧର ବୁଝି ପାରୁଥିଲେ କଥା କୁଆଡିକି ଯାଉଛି । କାହିଁକି ନା ସେ ଅନେକ ଥର ଏ ପରିସ୍ଥିତିକୁ ସାମ୍ନା କରିଛନ୍ତି । ତଥାପି ସ୍ମିତ ହାସ୍ୟ ଦେଇ ପରିତୋଶ୍ ବାବୁଙ୍କୁ କହିଲେ ଆଜ୍ଞା ଆପଣଙ୍କୁ କ'ଣ ଦରକାର ଡିମାଣ୍ଡ୍ ବାବଦରେ । ହସି ହସି କହିଲେ ପରିତୋଶ୍ ବାବୁ ଆପଣ ତ ଜାଣିଛନ୍ତି ଆମ ପୁଅର ଯୋଗ୍ୟତା କ'ଣ ଆଉ ତା ଯୋଗ୍ୟତାକୁ ଚାହିଁ ଆପଣ ବୁଝି ପାରୁଥିବେ । ଏମିତିରେ ଆମ ପୁଅ ପାଇଁ

ଅନେକ ପ୍ରସ୍ତାବ ଆସୁଛି କିନ୍ତୁ ମୋ ପୁଅର କେଉଁଠି ହେଲେ ଝିଅ ମନକୁ ଆସୁ ନଥିଲେ ହେଲେ ସେ ଆଜି ଏଠାରେ ହଁ ଭରିଛି । ଆଜ୍ଞା ମୁଁ ସାଧାରଣ କିରାଣୀ ଟିଏ ସମ୍ବଳ ବୋଲି ମୋର ଏ ଘର ଆଉ ଚାକିରୀ ଖଣ୍ଡିକ । ଆପଣଙ୍କୁ ଦେବା ପାଇଁ ମୁଁ କ'ଣ ବା ରଖିଛି । କହିବେ ଯଦି ଲକ୍ଷେ କି ଦି ଲକ୍ଷ ଦେଇ ପାରିବି । ଆଉ ଗୋଟେ ଝିଅ ଅଛି ଆଜ୍ଞା । ତା ପାଇଁ ବି ଚିନ୍ତା କରିବି । ଚାକିରୀ ଆଉ ମାତ୍ର ବର୍ଷେ ଅଛି । ବହୁତ ଟଣା ଓଟରାରେ ଅଢେଇ ଲକ୍ଷରେ କଥା ତୁଟିଲା । କିନ୍ତୁ ସର୍ମିଷ୍ଠା ଦେବୀଙ୍କ ମୁହଁ ମୋଡି ହେଉ ଯାଉଥାଏ । ବିପ୍ଳବକୁ ଏ ସବୁ ଭଲ ଲାଗୁ ନଥାଏ । ମାଧୁରୀ କହିଥିବା କଥା ତା'ର ମନେ ପଡି ଯାଉଥାଏ । ଏବେ ସେମାନେ ଘରକୁ ଫେରିଗଲେ । କଥା ହେଲା ନିର୍ବନ୍ଧ ଦିନ ସବୁ ଅଧା ଟଙ୍କା ଯୌତୁକ ବାବଦକୁ ଦିଆ ହେବ ଆଉ ବାକି ହାତ ଗଣ୍ଠି ପୂର୍ବରୁ । କିନ୍ତୁ ମାଧୁରୀର ବାପା ବୋଉ ତା'କୁ ଏ ବିଷୟରେ ଅବଗତ ହେବାକୁ ଦେଲେନି । ଧିରେ ଧିରେ ମାଧୁରୀ ଆଉ ବିପ୍ଳବ ଫୋନରେ କଥା ବାର୍ତ୍ତା ହେଲେ ଆଉ ପରସ୍ପର ପ୍ରେମରେ ପଡିଗଲେ । ନିର୍ବନ୍ଧ ଦିନ ଆସିଲା ଆଉ ମାଧୁରୀର

ଅଜ୍ଞାତରେ ଏକ ଲକ୍ଷ ପଚିଶ ହଜାର ଟଙ୍କାର ଚେକ୍ ଖଣ୍ଡେ ଧରେଇ ଦେଲେ ବିଦ୍ୟାଧର ପରିତୋଶଙ୍କୁ । ସୁରୁଖୁରୁରେ ନିର୍ବନ୍ଧ ହୋଇଗଲା । ବିବାହ ତାରିଖ ଠିକ୍ ହେଲା ଠିକ୍ ତିନି ମାସ ପରେ । ବିଦ୍ୟାଧର ଏବେ କ'ଣ କରିବେ ଜାଣି ପାରୁ ନଥାନ୍ତି । ପି.ଏଫ୍ ରୁ ଯାହାଥିଲା ଆଣିକି ଦେଇ ଦେଇଛନ୍ତି । ଦିନ ଗଡି ଚାଲିଲା ଆଉ ମାସେ ଅଛି ବାହାଘର । ମାଧୁରୀ ବି ଅନୁଭବ କରୁଛି ଯେ ବାପା ବୋଉ ଏତେ ଚିନ୍ତିତ କ'ଣ ପାଇଁ ? ଯଦି ଯୌତୁକର ଚିନ୍ତା ନାହିଁ କେଉଁଥି ପାଇଁ ତା ବାପାଙ୍କ ମୁହଁ ଏତେ ମଉଳି ଯାଇଛି । ବୋଉ ତା'ର ମୁହଁରେ ଦାନା ଦେଉନି । ବୋଉକୁ ଯାଇ ପଚାରିଲା ବୋଉ କ'ଣ ହେଇଛି । ସୁକାନ୍ତି କହିଲେ ନାଇଁରେ ମା ତୁ ଆମକୁ ଛାଡି ଚାଲିଯିବୁ ସେଥିପାଇଁ ଆମକୁ ଦୁଃଖ ଲାଗୁଛି । ମାଧୁରୀ ବା କାହିଁକି ଜାଣନ୍ତା ସତ କଥା।ହେଇଥିବ ବୋଉ ସତ କହୁଛି । ସବୁ ବ୍ୟବସ୍ଥା ହେଇଗଲା । ଘରର ପଟା ନେଇ ବ୍ୟାଙ୍କରେ ରଖିଲେ ବିଦ୍ୟାଧର କିନ୍ତୁ ବ୍ୟାଙ୍କ୍ ମ୍ୟାନେଜରଙ୍କ କହିବା ଅନୁସାରେ ମଙ୍ଗଳକୃତ୍ୟ ଦିନ ସବୁ ଟଙ୍କା ମିଳିଯିବ । ମଙ୍ଗଳକୃତ୍ୟ ଦିନ ବିଦ୍ୟାଧର ଯେତେବେଳେ ବ୍ୟାଙ୍କକୁ ଗଲେ

ଦେଖିଲେ ସେଦିନ ବ୍ୟାଙ୍କ୍ ଷ୍ଟ୍ରାଇକ୍ ତିନି ଦିନ ପାଇଁ । ମୁଣ୍ଡ ଉପରେ ଆକାଶ ଛିଡି ପଡିଲା ପରି ଲାଗିଲା । କ'ଣ କରିବେ ଜାଣି ପାରିଲେନି । କାହାକୁ କିଛି ନକହିକି ହାତ ଗଣ୍ଠି ଯାଏଁ ଅପେକ୍ଷା କର ସୁକାନ୍ତି କହିଲେ । ବିମ୍ବାଧର ବି ଭାବିଲେ ଦୁଇ ଦିନ ସମୟ ଦେବେ ପରିତୋଶ ବାବୁ । ବ୍ୟାଙ୍କ୍ କଥା ସେ ବା କ'ଣ କରିବେ । ଏତେ ଶିକ୍ଷିତ ପରିବାର ଏ କାଗଜ କିଛିଟା ପାଇଁ କ'ଣ ବାହାଘର ଭାଙ୍ଗିଦେବ ? ବାହାଘର ହେଲା ହାତଗଣ୍ଠି ପଡିଲା ପୂର୍ବରୁ ପରିତୋଶ ବାବୁ ଅଟକାଇ ଦେଲେ ବାହାଘର । କହିଲେ କିହୋ ବିମ୍ବାଧର ବାବୁ କୁଆଡେ ଗଲା ଆପଣଙ୍କ ପ୍ରତିଶ୍ରୁତି ? ଦିଅନ୍ତୁ ବାକି ଟଙ୍କା । ବିମ୍ବାଧର କାକୁତି ମିନତି ହୋଇ ଗୋଡ଼ ଧରି ସବୁ କହିଲେ ହେଲେ ପରିତୋଶ୍ ବାବୁ କହିଲେ ବଚନ ମାନେ ବଚନ । ସତରେ ଯୌତୁକ ରାକ୍ଷାସ କି ମାତ୍ରାରେ ଗ୍ରାସ କରିଛି ଏ ସମାଜକୁ । ଏ ଟଣା ଓଟରା ଦେଖି ମାଧୁରୀ ଉଠି ଠିଆ ହୋଇଗଲା । ଆଉ ବୁଝିଗଲା ସବୁ କିଛି । ନିଜ ବାପା ବୋଉଙ୍କୁ କ'ଣ କହିବ ବୁଝି ପାରୁ ନଥିଲା ସେ । ତଥାପି ଏତିକି କହିଲା ମୋତେ ତୁମେ ମାନେ ବଞ୍ଚି ଥାଉ ଥାଉ...

ମାରିଦେଲ ବାପା । କେତେ ଥର ମୁଁ କହିଥିଲି ଯୌତୁକକୁ ମୁଁ ବିରୋଧ କରେ । ମୁଁ ଶିକ୍ଷିତା କେବେ ବି ତୁମମାନଙ୍କ ଉପରେ ବୋଝ ହୋଇ ନ'ଥାନ୍ତି । ନିଜେ ନିଜ ଗୋଡ଼ରେ ଠିଆ ହୋଇ ଥାଆନ୍ତି । ହେଲେ ତୁମେ ମାନେ ମୋତେ ତୁମ ରାସ୍ତାର କଣ୍ଟା ଭାବିଲ । ବିପ୍ଳବ କହିଲା କାମ୍ ଡାଉନ୍ ମାଧୁରୀ । ଶାନ୍ତ ହୁଅ ପ୍ଲିଜ୍, ତୁମେ କେତେ ଧୋକାବାଜ୍ ବିପ୍ଳବ । ସେଦିନ ତୁମ ସହ ମୁଁ ଚୁକ୍ତି କରିଥିଲି ନା ତୁମେ ଭୁଲିଗଲ କେମିତି ? ମୁଁ ଭାବିଥିଲି ତୁମେ ମୋ ମନ କଥା ବୁଝି ପାରିବ । ତୁମେ ବି ମୋତେ ସୁରାଗ୍ ଦେଲନି ଏ ବିଷୟରେ । ଯଦି ଜଣେ ଅନ୍ୟାୟକୁ ପ୍ରତିରୋଧ କରି ପାରୁନି ତେବେ ମୁଁ କେମିତି ସେପରି ମଣିଷ ପାଖେ ସାରା ଜୀବନ କାଟିବି ? ଆଜି ମୋ ପାଇଁ ମୋ ବାପା ବୋଉଙ୍କ ସମ୍ମାନ ବଡ଼ । ତୁମେ ଯେପରି ଅନ୍ୟାୟକୁ ପରୋକ୍ଷରେ ସମ୍ମତି ଦେଇଛ ଠିକ୍ ସେମିତି ମୁଁ ଆଜି ମୋ ବାପାଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ବିରୋଧ କରୁଛି । ଏଇଠି ଏ ସମ୍ପର୍କକୁ ପୂର୍ଣ୍ଣଛେଦ ଦେଉଛି । କହିକି ମୁଣ୍ଡରୁ ବିଭା ମୁକୁଟ କାଢି ଦେଲା ଆଉ ବେଦୀରୁ ସିଧା ଯାଇ ବାପାଙ୍କୁ କୁଣ୍ଢାଇ କାନ୍ଦିଲା ।

ବୋଉ ମୁଁ ତୁମ ଦୁହିଁଙ୍କ ଉପରେ ବୋଝ ହେବିନି ଲୋ । ମୋତେ ଆଜି ଏ ଟଙ୍କା ଲୋଭୀ ଅସୁରଙ୍କ ମୁହଁକୁ କେମିତି ଠେଲି ଦେଉଥିଲୁ । କାନ୍ଦିକି ଲୋଟି ପଡୁଥିଲା ମାଧୁରୀ । ହେଲେ ମା' ତୋତେ କିଏ ବାହା ହେବ ? ତୋ ଭବିଷ୍ୟତ କ'ଣ ହେବ ? ସୁକାନ୍ତି ପଚାରିଲେ । ଏଇ ସମୟରେ ସମ୍ବିତ୍ ମାନେ ମାଧୁରୀର ସାଙ୍ଗ ପିଲା ବେଳୁ ବାପା ମା ନାହାନ୍ତି ତା'ର ଆଗେଇ ଆସି ମାଧୁରୀ ମଥାରେ ସିନ୍ଦୂର ଭରି ଦେଲା ଆଉ କହିଲା ମାଧୁରୀ ତୋ ପରି ଝିଅକୁ ଜୀବନ ସାଥି ରୂପେ ପାଇ ମୁଁ ଆଜି ବହୁତ ଖୁସି । ବିପ୍ଲବ ଶିଶୁପାଳ ପରି ଫେରିଗଲା । ମାଧୁରୀ କିଛି ମାସ ଭିତରେ ସେଇ ସହରର ସବୁ ଠାରୁ ବଡ଼ ହସ୍ପିଟାଲରେ ମେଡିସିନ୍ ସ୍ପେଶାଲିଷ୍ଟ ଭାବେ ରହିଲା । ଆଉ ତା' ବାପା ବୋଉଙ୍କୁ ତା' ପାଖେ ରଖିଲା ଆଉ ତା' ଭଉଣୀକୁ ଏକ ଭଲ ଜାଗାରେ ବାହାଘର କଲା । ଆଉ ଦେଖାଇ ଦେଲା ଝିଅ ବି କୌଣସି ପୁଅ ଠାରୁ କମ୍ ନୁହେଁ ।

*****

ବେଙ୍ଗାଲୁରୁ

# ରେବତୀ

ଲିପ୍ସା ଆଚାର୍ଯ୍ୟ

"ଏ ବୁଢୀ ଶୁଣୁ ! ବାପା କ'ଣ କହିଲେ ; ମୁଁ କଲେଜ ଯିବି ପାଠପଢି । ଦେଖିବୁ ଥା ଲୋ ବୁଢୀ । ମୁଁ ସରକାରୀ ବାବୁଆଣୀ ହେବି । ମୋ ଆଗ ପଛରେ କେତେ ଲୋକ ବୋଲ ଶୁଣିବାକୁ ବୁଲିବେ ।" ଏତେ କଥା ବୁଢୀ ଆଗରେ କହି ଦେଇ ରେବତୀ ମା' ମା' ଡାକି ବାରିକୁ ଗଲା । ତା' କଲେଜ ଯିବା ଖରବ ଶୁଣେଇବାକୁ । ମା' ପାଖରେ ପହଞ୍ଚିବା ପୂର୍ବରୁ ବୁଢୀର ଗରଗର ରେବତୀ କାନରେ ପଡିଲା । ଏତକ ପାଠ ହେଲାଣି ଯେ ପୁଣି କି ଇଲେଜ ଯାଇ ପଢିବୁ । ଲାଜ ନାହିଁ ଏ ଝିଅକୁ । କହୁଛୁ କ'ଣ ନା ସରକାରୀ ବାବୁଆଣୀ ହବ । ରେବତୀ ପଛକୁ ବୁଲି, ହଁ ଲୋ ବୁଢୀ ହେବି । ଦେଖିବୁ ଥା । କହି ମୁହଁ ମୋଡି ଚାଲିଗଲା । ବୁଢୀର ରାଗ ଶାନ୍ତ ହେଇ ନ ଥାଏ । ରେବତୀ ସ୍କୁଲରେ ପଢିବାକୁ ଜିଦି କରୁଥିବା ସମୟରେ

ମାଟି ବାରଣ୍ଡା ଉପରେ ବସି ଶୀତୁଆ ରାତି ଥଣ୍ଡା ପଖାଳ ଖାଉଥିଲା । ହେଲେ, ଆଜି ସେ ଜାଗାଟା ଛାତ । ବାରି ବଦଳରେ ବୁଢୀ ଘରେ ଖାଇ ବସେ । ଆଉ ଶୀତୁଆ ରାତିରେ ଗରମ ଭାତ, ଡାଲି ସହିତ ବଡିଚୁରା ଖାଇ ବସେ । ମା' ପୁଅ ପାଖାପାଖି ବସିଥିଲେ ଖାଇବାକୁ । ଆରମ୍ଭ କରିଦେଲା ବୁଢୀ, ହେ ! ଶ୍ୟାମ ଏ ଇସ୍କୁଲୁ ପାଠ ହେଲାଣି ଯେ ରେବୀକୁ କଇଲେଜ ପଢିବ । ଦେଖେ ବାପା, କଇଲେଜ ପଢିବାକୁ ହେଲେ କଟକ ସହରକୁ ଯିବାକୁ ପଡିବ । ବଡିଲା ଝିଅ ଏକୁଟିଆ ଯିବା ଆସିବା !! ନା ନା ହବନି । ଓହୋ ବୋଉ ; ମୁଁ ସେ ବ୍ୟବସ୍ଥା କରିଦେଇଛି । ଆମ ରେବୀ ହୋଷ୍ଟଲରେ ରହି ପାଠ ପଢିବ । ଏଁ.....। ରେବତୀ କଟକର ଗଲା ପାଠପଢି ବାକୁ ଆଖିରେ ହଜାରେ ସ୍ୱପ୍ନକୁ ନେଇ । ବାବା ଶ୍ୟାମବନ୍ଧୁ ସମାଜକୁ ଲଢେଇ କରି ସହରକୁ ଛାଡିଛନ୍ତି ପଢିବାକୁ । ଗାଁର ମାଟି ସିମେଣ୍ଟ ମିଶା ରାସ୍ତାରୁ ଉଠି ଆସି ରେବତୀ ସହରର ପିଚୁରାସ୍ତାରେ ଚାଲିଲା । ବଦଳିଗଲା ତା' ରଙ୍ଗଢଙ୍ଗ । ସହରୀର ନକଲି ଜରିରେ ନିଜକୁ ଚକଚକ କରି ଝଲେସେଇଲା । ଆଉ ପାଠ କେତେ କେତେ ପଢିଲା;

ତାହା ରେବତୀ ହିଁ ଜାଣେ । ଦଶହରା ଛୁଟିରେ ରେବତୀ ଘରକୁ ଆସିଥାଏ । ସୂର୍ଯ୍ୟ ଆସି ତେଣେ ମୁଣ୍ଡ ଉପରେ ହେଲେଣି ମାତ୍ର ରେବତୀ ଶେଜ ଛାଡୁ ନ ଥାଏ । ଲୋ ରେବତୀ, ଲୋ ରେବୀ, ଲୋ ସେ ମୋବାଇଲକୁ ଧରି କ'ଣ କରୁଛୁ ଲୋ କାହା ସହିତ କଥା ହଉଛୁ । ଗାଧେଇ ସାରି ଆସେ । ଆଜି ଅଷ୍ଟମୀ ସିଆଡେ ମା' କେତେ ରକମର ପିଠା ଗୁଡୁଛି । ଆସେ ଶିଖିବୁ । ମାଇପି ଲୋକ ଶାଶୁଘରକୁ ଗଲେ ବାପା ଘରର ନାଁ ଗାଁ ପକେଇଦବୁ । ବିରକ୍ତରେ ଗରଗର ହେଇ ରେବତୀ ଉଠି ବୁଢୀ ଆଗେରେ କହିଲା;" କାହିଁକି ରାଉ ରାଉ ହଉଛୁ । ମୁଁ ୟୁଟୁବ୍ ଦେଖି କରିଦେବି । ସେ କଥା ପରେ । ମୁଁ ଆଗେ ବାହା ହୁଏ ।" ବୁଢୀ ମୁହଁ ଫୁଲାଇ ପୁଅ ପାଖେ ଆସି ବସି ପଡିଲା । ଜେଜେମା' ନାତୁଣୀର କଥା ଶୁଣି ଶ୍ୟାମବନ୍ଧୁ ହସୁଥାନ୍ତି । ବୁଢୀ ଧିରେ ପୁଅ କାନରେ କହିଲା; ସେ କଥା କିଛି ବୁଝିଲୁ କି ?? ବୋଉ, ଆମ ରେବୀକୁ ପରା ଅଠରବର୍ଷ ହେଇନି ; ତା ବାହାଘର କଥା କେମିତି ଚିନ୍ତା କରିବି । ଏବେ ସେ +୨ ପଢୁଛି । ଆମ ରେବୀ ବହୁତ ଭଲ ପଢେ ।

ତା'ର ଯଦି ପାଠପଢ଼ି ସରକାରୀ ବାବୁଆଣୀ ହେବାକୁ ଏତେ ଆଗ୍ରହ ତାହାହେଲେ ହଉ । ଏତିକି କଥାରେ ବୁଢ୍ଢୀର ମୁହଁ ଚୁପ୍ । ସେଦିନ ଠାରୁ ବୁଢ୍ଢୀ କିଛି କୁହେ ନାହିଁ । ଦିନେ ହଠାତ୍ ଶ୍ୟାମବନ୍ଧୁ ଖବର ପାଇ ତାଙ୍କ ମା' ଆଉ ରେବତୀର ମା'କୁ ସାଥିରେ ଧରି କଟକ ଦୌଡିଲେ । କ'ଣ ହେଲା ରେବତୀର । କାହାକୁ ପଚାରିବାର ଦରକାର ପଡିଲା ନାହିଁ । ଟିଭି ଖୋଲିଲା ମାତ୍ର ପରଦାରେ ବାରମ୍ବାର ଦେଖା ଯାଉଥିଲା ରେବତୀରୁ ରେ - ବତୀ ହେବାର କରୁଣ କଥା । ଗଣମାଧ୍ୟମର ପ୍ରତିନିଧି ମାନେ ନିରୀହ ପ୍ରାଣୀ ତିନିଟାକୁ ପ୍ରଶ୍ନ ପରେ ପ୍ରଶ୍ନ କରି ଚାଲିଲେ । ହସ୍ପିଟଲରେ ଦରମରା ହେଇ ପଡିଥିବା ଝିଅର ବାବାର ମନକଥା ପଚାରିବାରେ ସବୁ ଆଗ୍ରହ । ଆଜି ରେବତୀର ବାପା ହେବା ଶ୍ୟାମବନ୍ଧୁ ପାଇଁ ପାପ । ଯିଏ ଏପରି ଅପରାଧ କରେ ତା ପରିବାର ପାଖକୁ ଯାଇ ମିଡିଆ କେବେ ପ୍ରଶ୍ନ କରେନି । ହଁ, ପୁଅର ବାପା ହେବା ପରା ସୌଭାଗ୍ୟ । କିଛି ଦିନ ହସ୍ପିଟଲରେ ରହି ରେବତୀ ଘରକୁ ଫେରିଲା । ଗାଁ ଲୋକ ମାନେ ଶ୍ୟାମବନ୍ଧୁ ପରିବାର ସହିତ ଆଗ ପରି ବ୍ୟବହାର କଲେ ନାହିଁ ।

ନିଆଁ ପାଣି ବନ୍ଦ କରି ଏକ ଘରକିଆ କରିଦେଲେ । ରେବତୀ ଘରକୁ ଫେରିବା ଜାଣି ଗଣମାଧ୍ୟମର ଲୋକ ଘର ଆଗରେ ହାଜିରା ଦେଲେ । ବୁଢୀ ତ ଏକାବେଳେକେ ଚୁପ୍ !! କେତେ ସ୍ୱପ୍ନ ନ ଦେଖିଥିଲା । ରେବତୀ ବାହା ହବ । ତା' ଛୁଆକୁ କୋଳରେ ଖେଳେଇବ । ଆଉ ଶାନ୍ତିରେ ଆର ପାରିକୁ ଚାଲିଯିବ । ହେଲେ ବିଧାତାର ଏ କି ବିଚିତ୍ର ଖେଳ । ରେବତୀ ଶରୀର ଘାଆ ଶୁଖି ନ ଥାଏ । ଶ୍ୟାମବନ୍ଧୁଙ୍କ କୋଳରେ ମୁଣ୍ଡ ରଖି ହାତକୁ ଭିଡି ଧରି ରେବତୀ ଶୋଇଥାଏ । ଗୋଡ ପାଖରେ ରେବତୀର ମା' ବସି ରେବତୀର ଗୋଡ ଚିପୁଥାଏ । କ'ଣ ହେଲା କେଜାଣି ରେବତୀ ଖୁବ୍ ଜୋରରେ ଉଠି ବସିଲା । ବାବା, ଫକୀର ମୋହନଙ୍କ ରେବତୀ ସମାଜର ଅନ୍ଧ ପରମ୍ପରାରେ ବଳି ପଡିଗଲା ହେଲେ, ମୁଁ ପଡି ପାରିବି ନାହିଁ । ଆଜିର ଏ ରେବତୀ ହାରିବ ନାହିଁ । ସମାଜ ଆଗରେ ମୁଣ୍ଡ ନୁହାଁଇବ ନାହିଁ । ଝିଅ ହେଇ ଜନ୍ମ ହେବା କ'ଣ ପାପ । ମୁଁ ତ କିଛି ଭୁଲ୍ କରିନି । ଘର କୋଣେ ଲୁଚି କାହିଁକି ବସିବି । ଆଉ କିଛି ଦିନଗଲେ ବୋର୍ଡ ପରିକ୍ଷା । ମୁଁ ପଢିବି ବାପା । ସମାଜ ଆଗରେ ମୁଁ ନୁହେଁ ବରଂ ସମାଜ ମୋ ଆଗରେ

ମୁଣ୍ଡ ପୋତି ଠିଆ ହବ। ମୁଁ ଫକୀର ମୋହନଙ୍କ ସେଇ ଝିଅ ଯିଏ ପାଠ ପଢିବା ପାଇଁ ସାହସ କରିଥିଲା । ଆଜି ମୁଁ ମୋ ନିଜ ଭବିଷ୍ୟତକୁ ସମାଜ ହାତରେ ନ ଧରାଇ; ନିଜ ହାତରେ ନିଜର ଭବିଷ୍ୟତ ଲେଖିବି । ମୁଁ ଲଢିବି ବାପା !! ମୋ ବହି ସବୁ କୁଆଡେ ଗଲା । ଖୋଜିବାକୁ ଲାଗିଲା ବହି । ଜେଜେମା ରେବତୀ ଆଡକୁ ବହିଟେ ବଢେଇଦେଲେ । ନେ ରେବୀ ତୋ ବହି। ଶ୍ୟାମବନ୍ଧୁ ଆଡକୁ ମୁହଁ କରି କହିଲେ;- "ଲୋ ରେବତୀ, ଲୋ ରେବୀ, ଲୋ ନିଆଁ, ଲୋ ଚୁଲି ନୁହେଁ ଆଜିଠାରୁ ରେବୀ ନିଜ ନିଆଁରେ ସେ ପାପୀ ମାନଙ୍କୁ ପୋଡି ପାଉଁଶ କରିଦବ । ପାଠପଢି ସରକାରୀ ବାବୁଆଣୀ ହବ । ଯେଉଁ ସମାଜ ଆଙ୍ଗୁଳି ଦେଖାଇ ପ୍ରଶ୍ନର ବାଣରେ ମଲମ ଲଗାଇବା ବଦଳରେ ଆହୁରି କଷ୍ଟ ଦଉଛି । ସେ ଦିନେ ମୁଣ୍ଡ ତଳକୁ କରି ସମ୍ମାନର ସହିତ ମୋ ନାତୁଣୀର ଜୟ ଜୟକାର କରିବ ।

*****

ହୁଡକୋ କଲୋନୀ,
ଭଞ୍ଜ ବିହାର, ବ୍ରହ୍ମପୁର


NATIONAL HEALTH MISSION
କରୋନା ଭୂତାଣୁ
ଆସନ୍ତୁ ଜାଣିବା କରୋନା ଭୂତାଣୁ କିପରି ସଂକ୍ରମିତ ହୁଏ ?
କରୋନା ବ୍ୟାପିଥାଏ ଯେବେ ଜଣେ
ସଂକ୍ରମିତ ବ୍ୟକ୍ତିର
ସୁସ୍ଥ ବ୍ୟକ୍ତିର
କାଶ
ଛିଙ୍କ
ଆଖି
ନାକ
ପାଟି
ସଂସ୍ପର୍ଶରେ ଆସିଥାଏ
ଯଦି ଜଣେ ସଂକ୍ରମିତ ଵ୍ୟକ୍ତି
କାଶୁଛି, ଛିଙ୍କୁଛି କିମ୍ବା ଅସୁସ୍ଥ ଅଛି
ତେବେ ତାଙ୍କଠାରୁ ୧ ମିଟର୍ ଦୂରତା ରକ୍ଷା କରି ନିଜକୁ ସୁରକ୍ଷିତ ରଖିପାରିବା
କରୋନା ଭୂତାଣୁରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ
୫ ଟି ସାବଧାନତା
୧
୨
୩
୪
୫
ହ୍ୟାଣ୍ଡ ୱାସ୍
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡିଶା
ରାଜ୍ୟ ସ୍ୱାସ୍ଥ୍ୟ ନିୟନ୍ତ୍ରଣ କକ୍ଷ
ଟେଲିଫୋନ୍ - ୦୬୭୪ ୨୩୯୦୪୬୬ ମୋବାଇଲ୍ - ୯୪୩୯୯୯୪୮୫୭ / ୯୪୩୯୯୯୪୮୫୯
facebook.com/HFWOdisha
http://www.health.odisha.gov.in/
HFWOdisha

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ମାର୍ଚ୍ଚ - ୨୦୨୦ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ *www.preranaodia.com/feedback* ପ୍ରଦାନ କରିବାକୁ ଅନୁରୋଧ ।

Prerana e-Store

*The Ultimate Bookshop*

https://store.preranaodia.com/